بِسْمِ اللّٰهِ الرَّحْمٰنِ الرَّحِيْمِ      نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ      وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 5

ସଂଖ୍ୟା 31

ସାପ୍ତାହିକ

# ବଦର

Weekly **BADAR** Qadian

କାଦିଆନ

Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

30 ଜୁଲାଇ 2020 | 30 ୱଫା 1399 ହି.ଶ | 08 ଜୁଲ୍‌ହଜାଃ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

يَاَيُّهَا الَّذِيْنَ اٰمَنُوْا لَا تَاْكُلُوْٓا اَمْوَالَكُمْ بَيْنَكُمْ بِالْبَاطِلِ اِلَّآ اَنْ تَكُوْنَ تِجَارَةً عَنْ تَرَاضٍ مِّنْكُمْ ۣ وَلَا تَقْتُلُوْٓا اَنْفُسَكُمْ ۭ اِنَّ اللّٰهَ كَانَ بِكُمْ رَحِيْمًا ۝ (النساء:30)

ଅନୁବାଦ- ହେ ବିଶ୍ୱାସକାରୀମାନେ ! ତୁମେମାନେ ପରସ୍ପର ମଧ୍ୟରେ ଅନୁଚିତ ପନ୍ଥାରେ ନିଜ ଧନକୁ ଆତ୍ମସାତ୍ କର ନାହିଁ; କିନ୍ତୁ ପରସ୍ପରର ସମ୍ମତି କ୍ରମେ ବ୍ୟବସାୟ ଦ୍ୱାର ଧନ ଅର୍ଜନ କରିବା ବୈଧ ଅଟେ; ଏବଂ ତୁମେମାନେ ନିଜେ ନିଜକୁ ହତ୍ୟା କର ନାହିଁ; ନିଶ୍ଚୟ ଅଲ୍ଲାଃ ତୁମମାନଙ୍କ ପ୍ରତି ସଦା କରୁଣାମୟ । *(ନିସା: ୩୦)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫିଁ'ଉମ୍‌ରିହି ୱ ଅମ୍‌ରିହି ॥**

**ଉତମ କର୍ମ କରିବାର ଆବଶ୍ୟକତା ରହିଛି । ଖୁଦାଙ୍କ ନିକଟରେ ଯଦି କିଛି ଉପସ୍ଥାପନ କରାଯାଇପାରେ ତାହା ହେଉଛି ଆମାଲେ ସ୍ୱାଲେହା (ଅର୍ଥାତ ଉତମ କର୍ମ) ।**

---

**କାରଣ ଯଦି କେବଳ କଥାରେ ସୀମିତ ରହି ଲୋକଦେଖାଣିଆ କାର୍ଯ୍ୟ କରାଯାଏ ତେବେ ଆମ ମଧ୍ୟରେ ଓ ଲୋକମାନଙ୍କ ମଧ୍ୟରେ ପ୍ରାର୍ଥକ୍ୟ କଣ ରହିଲା ? ଲୋକମାନଙ୍କ ଉପରେ ଆମର ଶ୍ରେଷ୍ଠତା କଣ ରହିଲା ? ତୁମେ କେବଳ ନିଜର ଉଜ୍ଜ୍ୱଳ ବ୍ୟବହାରିକ ଉଦାହରଣ ପ୍ରଦର୍ଶନ କର ଯେମିତି ତାକୁ ଅନ୍ୟମାନେ ଗ୍ରହଣ କରିନେବେ କାରଣ ଯେ ପର୍ଯ୍ୟନ୍ତ ସେଥିରେ ଏକ ଚମକ ସୃଷ୍ଟି ନ ହୋଇଛି, ଅନ୍ୟମାନେ ତାକୁ ଗ୍ରହଣ କରିବେ ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଉତମ କର୍ମ ଓ ଧର୍ମପରାୟଣତା

ମୁଁ ମୋର ସମ୍ପ୍ରଦାୟକୁ ସମ୍ବୋଧନ କରି କହୁଛି ଯେ ଉତମ କର୍ମ କରିବାର ଆବଶ୍ୟକତା ରହିଛି । ଖୁଦାଙ୍କ ନିକଟରେ ଯଦି କିଛି ଉପସ୍ଥାପନ କରାଯାଇପାରେ ତାହା ହେଉଛି ଆମାଲେ ସ୍ୱାଲେହା (ଅର୍ଥାତ ଉତମ କର୍ମ) । ଯେମିତି ଭଗବାନ କହୁଛନ୍ତି- ***ଇଲୈହେ ୟସ୍‌ଅଦୁଲ୍ କଲିମୁତ୍ ତୟିବୁ*** (ଫାତିର୍: ୧୧) ଅର୍ଥାତ: ପବିତ୍ର/ଉତମ କଥାମାନ ତାହାଙ୍କ ଆଡ଼କୁ ଆରୋହଣ କରେ ଏବଂ ବିଶ୍ୱାସ ଅନୁସାରେ କର୍ମ ସେମାନଙ୍କୁ ଉନ୍ନତ କରିଥାଏ । ବର୍ତମାନ ଆମ କଲମ ରସୁଲୁଲ୍ଲାଃ ସ:ଆ:ସଙ୍କ ତରବାରୀ ସହିତ ସମାନ କିନ୍ତୁ ବିଜୟ ଓ ମୁତ୍‌ତକି ଅର୍ଥାତ ଧର୍ମପରାୟଣତା ଅବଲମ୍ବନ କରୁଥିବା ଲୋକମାନଙ୍କୁ ହିଁ ମିଳିଥାଏ । ଈଶ୍ୱର ଏ ପ୍ରତିଶୃତି ଦେଇଛନ୍ତି କି ***କାନା ହକ୍‌କନ୍ ଆଲୈନା ନସ୍‌ରୁଲ୍ ମୁମିନିନ୍*** (ଅର୍‌ରୋମ୍:୪୮) ଅର୍ଥାତ: ବିଶ୍ୱାସକାରୀମାନଙ୍କୁ ସାହାଯ୍ୟ କରିବା ହେଉଛି ଆମର ଦାୟିତ୍ୱ । ସେ ଆହୁରି ମଧ୍ୟ କହିଛନ୍ତି ***ଲଇଁ ୟଜ୍‌ଅଲଲ୍ଲାହୁ ଲିଲ୍ କାଫିରିନା ଅଲଲ୍ ମୁମିନିନା ସବିଲା*** (ଅଲ୍ ନିସା:୧୪୨) ଅର୍ଥାତ ଅଲ୍ଲାଃ ଅବିଶ୍ୱାସକାରୀମାନଙ୍କୁ ବିଶ୍ୱାସୀଙ୍କ ବିରୁଦ୍ଧରେ ଜିତିବାର ଅବକାସ ଦିଅନ୍ତି ନାହିଁ । ତେଣୁ ମନେରଖ ଯେ ତୁମର ବିଜୟ ଧର୍ମପରାୟଣତା ସହିତ ବନ୍ଧା ହୋଇଛି । ଆରବୀୟ ମାନେ ତ ବକ୍ତା, ଭାଷ୍ୟକାର ଏବଂ କବି ଥିଲେ କିନ୍ତୁ ସେମାନେ ଧର୍ମପରାୟଣତାକୁ ଗ୍ରହଣ କଲେ ଫଳତ ଈଶ୍ୱର ସେମାନଙ୍କୁ ସାହାଯ୍ୟ କରିବାପାଇଁ ଦେବଦୂତମାନଙ୍କୁ ପଠାଇଲେ । ଯଦି ଜଣେ ଇତିହାସ ଅଧ୍ୟୟନ କରେ, ସେ ଜାଣିପାରିବ ଯେ ସାହାବା କରାମ୍ (ଅଲ୍ଲାଃ ସେ ସମସ୍ତଙ୍କ ଉପରେ ସନ୍ତୁଷ୍ଟ ହୁଅନ୍ତୁ) ଯେତେକ ଯୁଦ୍ଧ ଜଣିଛନ୍ତି ତାହା ମାନବୀୟ ଶକ୍ତି ଓ ପ୍ରଚେଷ୍ଟା ଯୋଗୁଁ ସମ୍ଭବ ହୋଇନପାରେ । ହଜରତ୍ ଉସ୍‌ମାନ ର:ଅଙ୍କ ସମୟ ପର୍ଯ୍ୟନ୍ତ କୋଡ଼ିଏ ବର୍ଷ ମଧ୍ୟରେ, ଇସ୍‌ଲାମୀୟ ସାମ୍ରାଜ୍ୟ ସାରା ବିଶ୍ୱରେ ପ୍ରସାର ହୋଇ ସାରିଥିଲା । ଏବେ ଆମକୁ କିଏ କହନ୍ତୁ ଯେ କଣ ଏପରି ମଣିଷ କରିପାରେ ? ତେଣୁ ଅଲ୍ଲାଃ ତାଲା ବାରମ୍ବାର କହିଛନ୍ତି ***ଇନ୍ନଲ୍ଲାହା ମାଅଲ୍ଲଜିନତ୍ ତକଓ ୱଲ୍ଲଜିନାହୁମ୍ ମୁହ୍‌ସିନୁନ୍*** (ଅନ୍‌ନହଲ୍:୧୨୯) ଅର୍ଥାତ ବାସ୍ତବିକ ଯେଉଁମାନେ ଧାର୍ମିକ ଓ ଉତମକର୍ମ କରନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଛନ୍ତି । କେବଳ ଧର୍ମପରାୟଣତା ଈଶ୍ୱରଙ୍କ ପ୍ରେମକୁ ଆକର୍ଷିତ କରେ ନାହିଁ ତତ୍‌ସହିତ ***ୱଲ୍ଲଜିନା ହୁମ୍ ମୁହ୍‌ସିନୁନ୍*** ଅର୍ଥାତ ସତକର୍ମ ମଧ୍ୟ ଥିବ ।

### ଧର୍ମପରାୟଣ ବ୍ୟକ୍ତି ଓ ସତ୍‌କର୍ମ କରୁଥିବା ବ୍ୟକ୍ତି

ମୁତ୍‌ତକି ଶବ୍ଦର ଅର୍ଥ ହେଉଛି ଯିଏ ଭୟ କରେ । ଏହାର ଗୋଟିଏ ଦିଗ ହେଉଛି ମନ୍ଦକାର୍ଯ୍ୟକୁ ତ୍ୟାଗ କରିବା ଓ ଆଉ ଗୋଟିଏ ହେଉଛି ଉତମ କର୍ମ କରିବା । ମୁତ୍‌ତକି ଶବ୍ଦଟି ମନ୍ଦକାର୍ଯ୍ୟକୁ ତ୍ୟାଗ କରିବାକୁ ବୁଝାଇଥିବା ବେଳେ ମୁହ୍‌ସିନ୍ ଶବ୍ଦଟି ଉତମ କାର୍ଯ୍ୟ କରିବାକୁ ସୂଚିତ କରୁଛି । ମୁଁ ଏହି ପରିପ୍ରେକ୍ଷୀରେ ଗୋଟିଏ ଲେଖା ପଢ଼ିଛି ଯେ ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି ଜଣେ ଅତିଥିଙ୍କୁ ଖାଇବାପାଇଁ ନିମନ୍ତ୍ରଣ କଲେ ଓ ନିଜ ତରଫରୁ ଅତିଥିସତ୍କାର କରିବାରେ କୌଣସି ଊଣା କଲେ ନାହିଁ ବରଂ ବିଶେଷ ଧ୍ୟାନ ରଖିଲେ । ଯେବେ ଅତିଥିଜଣଙ୍କ ଭୋଜନ ସମାପ୍ତ କରିଲେ, ସେହି ସମ୍ଭ୍ରାନ୍ତ ବ୍ୟକ୍ତି ଜଣଙ୍କ ବହୁତ ବିନମ୍ରତାର ସହିତ କହିଲେ ଯେ ମୁଁ ଆପଣଙ୍କ ଯୋଗ୍ୟତା ଅନୁସାରେ ସେବା କରିପାରିନାହିଁ । ଏହା ଶୁଣି ଅତିଥି ମହାଶୟ କହିଲେ: ପ୍ରକୃତରେ, ତୁମେ ମୋ ଉପରେ କିଛି ଉପକାର କରିନାହଁ । ବାସ୍ତବରେ ମୁଁ ହିଁ ଉପକାର କରିଛି କାରଣ ଯେତେବେଳେ ତୁମେ ତୁମ କାର୍ଯ୍ୟରେ ବ୍ୟସ୍ତ ଥିଲ, ମୁଁ ଏଠାରେ ତୁମ ଘରେ ନିଆଁ ଲଗାଇ ନାହିଁ । ମୁଁ ଯଦି ତୁମ ଧନସମ୍ପତିରେ ନିଆଁ ଲଗାଇ ଦେଇଥାନ୍ତି ତେବେ କଣ ହୋଇଥାନ୍ତା । ଅତଏବ ମୁତ୍‌ତକିର କାର୍ଯ୍ୟ ହେଉଛି ମନ୍ଦ କାର୍ଯ୍ୟରୁ ନିବୃତ ରହିବା । ତା'ପରେ ପୁଣି ଯେଉଁ ସ୍ତର ରହିଛି ତାହା ହେଉଛି ଉତମ କାର୍ଯ୍ୟ/ସତକର୍ମ/ପୂଣ୍ୟକର୍ମ ସମ୍ପାଦନ କରିବା । ଯାହାକୁ ଏଠାରେ **ମୁହ୍‌ସିନୁନ୍** ଶବ୍ଦ ଜରିଆରେ ପ୍ରକାଶ କରାଯାଇଅଛି । ଅର୍ଥାତ ସେ ପୂଣ୍ୟକର୍ମ କରୁ । ମଣିଷ ସେତେବେଳେ ଯାଇ ସମ୍ପୂର୍ଣ୍ଣରୂପେ ଜଣେ ଧାର୍ମିକ ପୁରୁଷ ବୋଲାଇଥାଏ ଯେତେବେଳେ ସେ ମନ୍ଦକାର୍ଯ୍ୟରୁ ନିବୃତ ରହି ଏହା ଅନୁଶୀଳନ କରିଥାଏ ଯେ ମୁଁ କଣ ସବୁ ପୂଣ୍ୟକର୍ମ କରିଛି ?

ବର୍ଣ୍ଣିତ ଅଛି ଯେ ଇମାମ୍ ହୁସେନ୍‌ଙ୍କର ଜଣେ ସେବକ ତାଙ୍କ ନିମନ୍ତେ ଏକ ପାତ୍ରରେ ଚା ଘେନି ଆଣିଲା । ସେ ତାଙ୍କ ନିକଟକୁ ଆସିଲା ବେଳକୁ ଅସାବଧାନତା ଯୋଗୁଁ ସେହି ଚା'ପାତ୍ରଟି ଇମାମ୍ ହୁସେନ ର:ଅଙ୍କ ମୁଣ୍ଡ ଉପରେ ପଡ଼ିଗଲା ଫଳତଃ ଇମାମ୍ ହୁସେନ୍ ଏଥିରେ କଷ୍ଟ ଅନୁଭବ କରି ଟିକିଏ ତିକ୍ଷ୍ଣ ଆଖିରେ ସେହି ସେବକ ଆଡ଼କୁ ଚାହିଁଲେ । ସେବକ ଜଣକ ଧିର ସ୍ୱରରେ ଏହି ପଂକ୍ତିଟିକୁ ପାଠ କଲେ **ୱଲ୍ କାଜିମିନଲ୍ ଗୈଜା** (ଆଲେ ଇମ୍‌ରାନ୍:୧୩୫) ଅର୍ଥାତ: ସେମାନେ ନିଜ କ୍ରୋଧକୁ ସମ୍ବରଣ କରିଥାନ୍ତି । ଏହି ଉକ୍ତିକୁ ଶୁଣି ଇମାମ୍ ହୁସେନ ର:ଅ କହିଲେ ମୁଁ ମୋ କ୍ରୋଧକୁ ସମ୍ବରଣ କଲି, ଅର୍ଥାତ ଚାପିଦେଲି । ଏହା ଶୁଣି ସେବକ କହିଲା **ୱଲ୍‌ଆଫିନା ଅନିନ୍ ନାସି ।** ଅର୍ଥାତ: ସେମାନେ ଲୋକମାନଙ୍କ ସହିତ କ୍ଷମା ଆଚରଣ କରିଥାନ୍ତି । **କଜମ୍** ଶବ୍ଦର ଅର୍ଥରେ ମଣିଷ କ୍ରୋଧକୁ ଚାପି ଦିଏ ଓ ତାହାକୁ ପ୍ରକାଶ କରେନାହିଁ କିନ୍ତୁ ଭିତରେ ଭିତରେ ସମ୍ପୂର୍ଣ୍ଣରୂପେ ଶାନ୍ତ ହୋଇନଥାନ୍ତି ସେଥିଯୋଗୁଁ କ୍ଷମା ଆଚରଣ କରିବାପାଇଁ ସର୍ତ ରହିଛି । ଅତଏବ ତାହା ଶୁଣି ଇମାମ୍ ହୁସେନ୍ କହିଲେ ମୁଁ ଏବେ କ୍ଷମା ପ୍ରଦାନ କଲି । ତା'ପରେ ପୁଣି ସେବକ ଜଣକ କହିଲେ **ୱଲ୍ଲାହୁ ୟୁହିବ୍‌ବୁଲ୍ ମୁହ୍‌ସିନିନ୍** । ଅର୍ଥାତ ଈଶ୍ୱରଙ୍କର ପ୍ରିୟପାତ୍ର ସେହି ବ୍ୟକ୍ତି ହୋଇଥାଏ ଯିଏ କ୍ରୋଧ ସମ୍ବରଣ ଓ କ୍ଷମା ଆଚରଣ କରିବା ପରେ ପୂଣ୍ୟ ମଧ୍ୟ କରିଥାଏ । ଏହା ଶୁଣି ଇମାମ୍ ହୁସେନ୍ କହିଲେ ଯାଅ ମୁଁ ଏବେ ତୁମକୁ ସ୍ୱାଧିନ/ମୁକ୍ତ ମଧ୍ୟ କଲି । ଧାର୍ମିକ ବ୍ୟକ୍ତିମାନଙ୍କର ଉଦାହରଣ ଏପରି କି ଯେଉଁଠାରେ ଜଣେ ଚା'କପ୍ ପକାଇ ମଧ୍ୟ ମୁକ୍ତ/

ସ୍ୱାଧିନ ହେଲା । ଏବେ ମତେ କୁହ ଯେ ଏହି ଦୃଷ୍ଟାନ୍ତ ଉତମ ସିଦ୍ଧାନ୍ତ ଯୋଗୁଁ ହିଁ ହୋଇପାରିଛି ।

## ପବିତ୍ର ରସୁଲ୍ ସ:ଆ:ସଙ୍କ ଆଧ୍ୟାତ୍ମିକ ଶକ୍ତି

ଅଲ୍ଲାଃ ତାଲା କହିଛନ୍ତି ***ଫସ୍ତକିମ୍ କମା ଉମିର୍ତା*** (ହୁଦା:୧୧୩) ଅର୍ଥାତ: ସରଳ ହୁଅ ଏବଂ ନିଜକୁ ସମସ୍ତ ମନ୍ଦକାର୍ଯ୍ୟ ଓ କୁଟିଳତାରୁ ମୁକ୍ତ କର । ତା'ପରେ ଯାଇ ମୁଁ ତୁମ ଉପରେ ସନ୍ତୁଷ୍ଟ ହେବି । ନିଜକୁ ସରଳ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ସରଳ କର । ଆରବୀୟମାନଙ୍କୁ ସରଳ କରିବା କେତେ କଷ୍ଟକର କାର୍ଯ୍ୟ ଥିଲା । ଲୋକମାନଙ୍କ ପ୍ରଶ୍ନର ଉତର ଦେଇ ରସୁଲୁଲ୍ଲାଃ ସ:ଆ:ସ କହିଲେ ମତେ ସୁରଃ ହୁଦ୍ ବୁଢ଼ା କରିଦେଇଛି । କାରଣ ଏ ଯେଉଁ ନିର୍ଦ୍ଦେଶ ଦିଆଯାଇଛି ଏହା ବହୁତ ଗୁରୁଦାୟିତ୍ୱ । ନିଜକୁ ସରଳ କରିବା ଏବଂ ସର୍ବଶକ୍ତିମାନ ଅଲ୍ଲାଃଙ୍କର ଆଜ୍ଞାକୁ ସମ୍ପୁର୍ଣ୍ଣରୂପେ ପାଳନ କରିବା ମଣିଷ ତା' ନିଜ ପକ୍ଷେ ସମ୍ଭବତଃ ଏହା କରିପାରେ କିନ୍ତୁ ଏହି ଉପାୟରେ ଅନ୍ୟମାନଙ୍କୁ ଗଢ଼ି ତୋଳିବା ସହଜ ନୁହେଁ । ଏଥିରୁ ଆମ ନବୀ କରିମ୍ ସ:ଆ:ସଙ୍କ ମହାନତା ଓ ପବିତ୍ର ଶକ୍ତି ବିଷୟରେ ଜ୍ଞାତ ହେଉଛି ଯେ ମହାଭାଗ ସ:ଆ:ସ ସେହି ଆବେଗକୁ କିପରି ପାଳନ କଲେ । ସାହାମାମାନଙ୍କର ଏପରି ପବିତ୍ର ଦଳ ଗଢ଼ିଦେଲେ ଯେ ସେମାନଙ୍କୁ ***କୁନ୍ତୁମ୍ ଖୈରା ଉମ୍ମତିନ୍ ଉଖ୍ରିଜତ୍ ଲିନ୍ନାସି*** (ଆଲେ ଇମ୍ରାନ୍:୧୧୧) କୁହାଗଲା ଏବଂ ***ରଜିୟଲ୍ଲାହୁ ଅନ୍‌ହୁମ୍ ୱ ରଜୁ ଅନ୍‌ନୁ*** (ଅଲ୍‌ବୟନାଃ:୯)ର ଉପାଧି ସେମାନଙ୍କୁ ମିଳିଲା । ମହାଭାଗଙ୍କ ଜୀବନକାଳ ଭିତରେ କୌଣସି ମୁନାଫିକ୍ (କପଟୀ) ମଦିନାରେ ରହିନଥିଲେ । ଅତଏବ୍ ଏପରି ସଫଳତା ମୁହମ୍ମଦ ସ:ଆ:ସଙ୍କୁ ପ୍ରାପ୍ତ ହୋଇଥିଲା ଯେ ଏହାର ଦୃଷ୍ଟାନ୍ତ ଅନ୍ୟ କୌଣସି ନବୀଙ୍କ ଜୀବନରେ ଦେଖିବାକୁ ମିଳେନାହିଁ । ଏଥିରେ ଅଲ୍ଲାଃଙ୍କର ଉଦ୍ଦେଶ୍ୟ ଏହା ଥିଲା କି ଜଣେ କେବଳ ଶବ୍ଦ/କଥାରେ ସୀମିତ ରହିବା ଉଚିତ ନୁହେଁ । କାରଣ ଯଦି କେବଳ କଥାରେ ସୀମିତ ରହି ଲୋକଦେଖାଣିଆ କାର୍ଯ୍ୟ କରାଯାଏ ତେବେ ଆମ ମଧ୍ୟରେ ଓ ଲୋକମାନଙ୍କ ମଧ୍ୟରେ ପ୍ରାର୍ଥକ୍ୟ କଣ ରହିଲା ? ଲୋକମାନଙ୍କ ଉପରେ ଆମର ଶ୍ରେଷ୍ଠତା କଣ ରହିଲା ? ତୁମେ କେବଳ ନିଜର ଉଜ୍ଜ୍ୱଳ ବ୍ୟବହାରିକ ଉଦାହରଣ ପ୍ରଦର୍ଶନ କର ଯେମିତି ତାକୁ ଅନ୍ୟମାନେ ଗ୍ରହଣ କରିନେବେ କାରଣ ଯେ ପର୍ଯ୍ୟନ୍ତ ସେଥିରେ ଏକ ଚମକ ସୃଷ୍ଟି ନ ହୋଇଛି, ଅନ୍ୟମାନେ ତାକୁ ଗ୍ରହଣ କରିବେ ନାହିଁ । କଣ ଜଣେ ବ୍ୟକ୍ତି ମଇଳା ଓ ଅପରିଷ୍କାର ଜିନିଷ ପ୍ରତି ଆକର୍ଷିତ ହୋଇପାରିବ କି ? ଯଦି ଜଣେ ବ୍ୟକ୍ତିଙ୍କ ପୋଷାକରେ ଗୋଟିଏ ଦାଗ ଲାଗିଯାଏ, ତାହା ତାକୁ ଭଲ ଲାଗେ ନାହିଁ ସେହିଭଳି ଯେପର୍ଯ୍ୟନ୍ତ ତୁମ ଆଭ୍ୟନ୍ତରୀଣ ଅବସ୍ଥାରେ ସ୍ୱଚ୍ଛତା ଓ ଚମକ ନାହିଁ, କେହି ଆପଣଙ୍କୁ ସମ୍ମାନ ଦେବେ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଉତମ ଜିନିଷକୁ ପସନ୍ଦ କରିଥାଏ । ସେହିଭଳି ଯେପର୍ଯ୍ୟନ୍ତ ତୁମର ନୈତିକ/ଚାରିତ୍ରୀକ ସ୍ତର ଉଚ୍ଚ ନ ହୋଇଛି ସେ ପର୍ଯ୍ୟନ୍ତ ତୁମେ କିଛି ହାସଲ କରିବାକୁ ସମର୍ଥ ହେବନାହିଁ । *(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୬୫-୧୬୭ ପ୍ରକାଶନ୨୦୧୮ କାଦିୟାନ)*

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୭ ର ଅବଶିଷ୍ଟାଂଶ ......*

ବଂଟନ କରିଥିଲେ । ଉକ୍ତ ପାର୍ବତ୍ୟ ଉପତ୍ୟାକା ଅଂଚଳରେ ପ୍ରଚୁର ପରିମାଣରେ ଖଜୁରୀ ଗଛ ରହିଛି ଓ ସଫ୍ରା ଓ ବଦର ମଧ୍ୟରେ ଏକ ମାଇଲ ଦୁରତା ଅତିକ୍ରମ କଲେ ଜଫ୍ରାନ୍ ନାମକ ଏକ ସ୍ଥାନ ଆସିଥାଏ । ସେଠାରେ ପହଂଚିବା ପରେ ଏହି ସୁଚନା ମିଳିଥିଲା ଯେ ବ୍ୟବସାୟୀ ଦଳର ସୁରକ୍ଷା ପାଇଁ କୁରୈଶ୍ର ଏକ ବିରାଟ ବଡ଼ ସୈନ୍ୟଦଳ ମକ୍କାରୁ ଚାଲିଆସୁଅଛି କାରଣ ସେମାନଙ୍କୁ ସନ୍ଦେହ ରହିଥିଲା ଯେ, ସମ୍ଭବତଃ ମଦିନାବାସୀ ଉକ୍ତ ବ୍ୟବସାୟୀ ଦଳ ଉପରେ ଆକ୍ରମଣ କରିଦେବେ । ବର୍ତ୍ତମାନ ରହସ୍ୟକୁ ଗୁପ୍ତ ରଖିବାର ଅବସର ଅତିକ୍ରାନ୍ତ ହୋଇସାରିଥିଲା କଥାଟା ଆଉ ଲୁଚି ରହିନଥିଲା । ତେଣୁ ହଜୁର ସ:ଆ:ସ ସାହାବାମାନଙ୍କୁ ଏକତ୍ରିତ କଲେ ଏବଂ ଉକ୍ତ ସମ୍ବାଦର ସୂଚନା ଦେଲେ ଏବଂ ସେମାନଙ୍କଠାରୁ ପରାମର୍ଶ ଲୋଡ଼ିଲେ ଯେ ବର୍ତ୍ତମାନ ପରିସ୍ଥିତିରେ କଣ କରିବା ଉଚିତ ହେବ । କେତେକ ସାହାବାମାନେ କହିଲେ ଯେ, ହେ ରସୁଲୁଲ୍ଲାଃ ସ:ଆ:ସ ବ୍ୟାହିକ ପରିସ୍ଥିତିକୁ ଦେଖି ଏହା ଉଚିତ ମନେ ହେଉଛି ଯେ, କୁରୈଶ୍ର ବ୍ୟବସାୟୀ ଦଳ ସହିତ ମୁହାମୁହିଁ ହେବା ଉଚିତ କାରଣ ସୈନ୍ୟଦଳର ମୁକାବିଲା ନିମନ୍ତେ ଆମେମାନେ ସକ୍ଷମ ନାହୁଁ କିନ୍ତୁ ହଜୁର ସ:ଆ:ସ ଉକ୍ତ ପରାମର୍ଶକୁ ପସନ୍ଦ କରିନଥିଲେ । ଅନ୍ୟପଟରେ ବଡ଼ ବଡ଼ ସାହାବାମାନେ ଯେତେବେଳେ ଏହି ପରାମର୍ଶ ଶୁଣିଲେ ସେତେବେଳେ ସେମାନେ ଛିଡ଼ା ହୋଇ ଆତ୍ମଉତ୍ସର୍ଗ ମୁଳକ ଭାଷଣ ଦେଲେ ଏବଂ କହିଲେ ଆମର ଧନ ଓ ଜୀବନ ସବୁକିଛି ଅଲ୍ଲାଃଙ୍କର, ଆମେମାନେ ପ୍ରତ୍ୟେକ ଯୁଦ୍ଧ ଭୁମିରେ ଏବଂ ପ୍ରତ୍ୟେକ ସେବାପାଇଁ ପ୍ରସ୍ତୁତ ଅଛୁ । ସୁତରାଂ ମିକ୍‌ଦାଦ୍ ବିନ୍ ଅସ୍ୱଦ୍ ଯାହାଙ୍କର ଅନ୍ୟନାମ ମିକ୍‌ଦାଦ୍ ବିନ୍ ଅମ୍ରୋ ଥିଲା । କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ଆମେମାନେ ମୁସା ଆ:ସଙ୍କ ଅନୁଗାମୀଙ୍କ ପରି ନାହୁଁ ଯେ, ଆମେମାନେ ଆପଣଙ୍କୁ କହିବୁ ଯାଅ ତୁମେ ଓ ତୁମ ପ୍ରଭୁ ଯାଇ ଶତୃର ମୁକାବିଲା କର । ତାଙ୍କ ସହ ଲଢ଼ ଆମେମାନେ ଏଠାରେ ବସି ରହିଛୁ ବରଂ ଆମେ ଏହା କହୁଛୁ କି ଆପଣ ଆମମାନଙ୍କୁ ଯୁଆଡ଼େ ଚାହୁଁଛନ୍ତି ସିଆଡ଼େ ନେଇ ଚାଲନ୍ତୁ । ଆମେମାନେ ଆପଣଙ୍କ ସହିତ ଯିବାକୁ ପ୍ରସ୍ତୁତ ଓ ରାଜି ଅଛୁ ଏବଂ ଆମେମାନେ ଆପଣଙ୍କ ବାମ ପାର୍ଶ୍ୱରେ ଦକ୍ଷିଣ ପାର୍ଶ୍ୱରେ ଆପଣଙ୍କ ଆଗରେ ଓ ପଛରେ ଲଢ଼ିବୁ । ଯେତେବେଳେ ହଜୁର ସ:ଆ:ସ ଏହି ଦମ୍ଦିଲା ଭାଷଣ ଶୁଣିଲେ, ସେତେବେଳେ ହଜୁର ସ:ଆ:ସଙ୍କ ପବିତ୍ର ମୁଖମଣ୍ଡଳରେ ଆନନ୍ଦମୁଖରିତ ହୋଇ ଉଠିଲା କିନ୍ତୁ ଉକ୍ତ ଅବସରରେ ମଧ୍ୟ ହଜୁର ସ:ଆ:ସ ଅନ୍‌ସାରଙ୍କ ପକ୍ଷରୁ ଉତରର ଅପେକ୍ଷାରତ ଥିଲେ କି କୌଣସି ଅନ୍‌ସାର ସର୍ଦ୍ଦାର ମଧ୍ୟ ଏହିପରି କିଛି ଉକ୍ତି କୁହନ୍ତୁ । କାରଣ ହଜୁର ସ:ଆ:ସଙ୍କର ଏହି ଚିନ୍ତା ଧାରା ଥିଲା କି ବୋଧ ହୁଏ ଅନ୍‌ସାରମାନେ ଏହା ବାଭୁଥିବେ ଯେ, ବୟତେ ଉକ୍‌ବା ସର୍ତ୍ତ ଅନୁଯାୟୀ ଆମମାନଙ୍କର କର୍ତବ୍ୟ କେବଳ ଏତିକି ଯେ ଯଦି ଠିକ୍ ମଦିନା ଉପରେ କୌଣସି ଆକ୍ରମଣ ହୁଏ ତେବେ ଆମେମାନେ ମଦିନାର ପ୍ରତିରକ୍ଷା କରିବୁ । ଅତଏବ ସାହାବାମାନଙ୍କର ଏହିଭଳି ସାହାସକତା ମୁଳକ ଉକ୍ତି ସତ୍ତ୍ୱେ ହଜୁର ସ:ଆ:ସ ଏହା କହିଚାଲିଲେ ଯେ, ଆଚ୍ଛା ତୁମେମାନେ ମତେ ପରାମର୍ଶ ଦିଅ ଯେ ବର୍ତମାନ କଣ କରିବା ଯାହା ସମୟ ସାପେକ୍ଷ ହେବ, ସାଆଦ୍ ବିନ୍ ମୁଆଜ୍ ଯିଏ କି ଓ୍ୱସ୍ ସମ୍ପ୍ରଦାୟର ଧର୍ମାଢ଼୍ୟ ବ୍ୟକ୍ତି ଥିଲେ । ସେ ହଜୁର ସ:ଆ:ସଙ୍କ ମନୋଭାବକୁ ହୃଦୟଙ୍ଗମ କରି ଅନ୍‌ସାରମାନଙ୍କ ତରଫରୁ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ବୋଧ ହୁଏ ଆପଣ ଆମମାନଙ୍କର ମତାମତ ଚାହୁଁଛନ୍ତି, ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ ଆମେମାନେ କି ଯେତେବେଳେ ଆପଣଙ୍କୁ ସତ୍ୟ ବୋଲି ମନେକରି ନେଇଛୁ, ଆପଣଙ୍କ ଉପରେ ବିଶ୍ୱାସ ଆଣିନେଇଛୁ ଏବଂ ଆପଣଙ୍କ ଉପରେ ଆସ୍ଥା ସ୍ଥାପନ କରିନେଇଛୁ, ଆମେମାନେ ନିଜର ହାତ ଆପଣଙ୍କ ହାତରେ ଦେଇଦେଇଛୁ । ସେତେବେଳେ ଆପଣ ଯେଉଁଆଡ଼େ ଚାହିଁବେ ଚାଲନ୍ତୁ ଆମେ ଆପଣଙ୍କ ସହିତ ଅଛୁ ଏବଂ ସେହି ସତାଙ୍କର ଶପଥ କରି କହୁଛୁ ଯିଏ ଆପଣଙ୍କୁ ସତ୍ୟବାଦୀ ବ୍ୟକ୍ତି ରୂପେ ପ୍ରେରଣ କରିଛନ୍ତି । ଯଦି ଆପଣ ଆମମାନଙ୍କୁ ସମୁଦ୍ର ଗର୍ଭରେ ଲମ୍ଫ ମାରିବାକୁ କୁହନ୍ତି ତେବେ ଆମେମାନେ ଡ଼େଇଁପଡ଼ିବୁ ଏବଂ ଆମମାନଙ୍କ ମଧ୍ୟରୁ ଜଣେ ବି ପଛଘୁଂଚା ଦେବେ ନାହିଁ ଏବଂ ଆପଣ ଇନ୍‌ଶାଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଯୁଦ୍ଧରେ ଧୈର୍ଯ୍ୟ ପ୍ରଦର୍ଶନ କରୁଥିବାର ଦେଖିବାକୁ ପାଇବେ ଯାହାକି ହଜୁର ସ:ଆ:ସଙ୍କର ଚକ୍ଷୁକୁ ଶୀତଳତା ପ୍ରଦାନ କରିବ । ଯେତେବେଳେ ହଜୁର ସ:ଆ:ସ ଉକ୍ତ ଭାଷଣଟି ଶୁଣିଲେ ସେତେବେଳେ ହଜୁର ସ:ଆ:ସ ଅତ୍ୟନ୍ତ ପ୍ରସନ୍ନିତ ହେଲେ ଏବଂ କହିଲେ ଅଲ୍ଲାଃ ତାଲାଙ୍କର ନାମ ଧରି ଆଗକୁ ଅଗ୍ରସର ହୋଇଚାଲ । କାରଣ ଅଲ୍ଲାଃ ତାଲା ମତେ ଏହି ପ୍ରତିଶୃତି ଦେଇଛନ୍ତି ଯେ ଅବିଶ୍ୱାସକାରୀଙ୍କ ସେହି ଦୁଇ ଗୋଷ୍ଠୀ ଅର୍ଥାତ ସୈନ୍ୟଦଳ ଓ ବ୍ୟବସୟୀଦଳ ମଧ୍ୟରୁ କୌଣସି ଗୋଟିଏ ଦଳ ଉପରେ ନିଶ୍ଚୟ ଆମମାନଙ୍କୁ ବିଜୟ ପ୍ରଦାନ କରିବେ ଏବଂ ଈଶ୍ୱରଙ୍କ ଶପଥ କରି କହୁଛି ଯେ ବର୍ତମାନ ମୁଁ ସେହି ସ୍ଥାନ ଦେଖୁଛି ଯେଉଁଠି ଶତୃପକ୍ଷର ଲୋକମାନେ ନିହତ ହୋଇପଡ଼ିଛନ୍ତି । ***(ସିରତ୍ ଖାତ୍‌ମୁନ୍ ନବିୟିନ୍, ଲେଖକ ହଜ୍‌ରତ୍ ସାହାବ୍‌ଜାଦାଃ ମିର୍ଜା ବଶୀର୍ ଅହ୍‌ମଦ୍ ସାହେବ୍ ର:ଅ ଏମ୍.ଏ, ପୃ-୩୫୪-୩୫୫) (ଫର୍‌ହଙ୍ଗ ସିରତ୍, ପୃ-୧୭୩, ଜୱ୍ୱାର ଏକାଡ଼େମି କରାଚି ୨୦୦୩)***

ପରିଶେଷରେ ତାହା ହିଁ ହୋଇଥିଲା ସେ ଯାହା ହେଉ ନା କାହିଁକି ବର୍ତମାନ ସେହି ସାହାବାଙ୍କର ଚର୍ଚ୍ଚା ଚାଲିଛି ତାଙ୍କ ଜୀବନୀର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି ।

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନୱ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନୱ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ରସୁଲୁଲ୍ଲାଃ ସ:ଆ:ସ କହିଲେ ହେ ଇବ୍‌ନେ ଅଓଫ୍ ! ତୁମେ ବୈକୁଣ୍ଠରେ ଘୁଷୁଡ଼ି ଘୁଷୁଡ଼ି ପ୍ରବେଶ କରିବ କାରଣ ତୁମେ ଧନୀଲୋକ । ତେଣୁ ଈଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କର ଫଳତଃ ନିଜ ପାଦରେ ଚାଲି ଚାଲି ବୈକୁଣ୍ଠରେ ପ୍ରବେଶ କରିବ ।

ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପର୍ନ୍ନ ବଦ୍‌ରି ସାହାବା । ଅଲ୍ଲାଃଙ୍କ ମାର୍ଗରେ ନିଃସଙ୍କୋଚରେ ଖର୍ଚ୍ଚ କରିଥିବା ସାହାବି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏବଂ ଇସ୍‌ଲାମ୍ ଓ ଇସ୍‌ଲାମର ପ୍ରତିଷ୍ଠାତା ସ:ଆ:ସଙ୍କର ଜଣେ ଭକ୍ତ, ଉର୍ତ୍ସଗୀ ପ୍ରେମୀ, ଅତ୍ୟନ୍ତ ନିଷ୍ଠାବାନ୍ ଏବଂ ଉଚ୍ଚ ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତିତ୍ୱ ଅଓସ୍ କବିଲାର ମୁଖ୍ୟ ଦଳପତି ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ସୁଗୁଣମାନର ଚର୍ଚ୍ଚା ।

ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର:ଅ ଏବଂ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ଏ ପୃଥିବୀ ଉପରେ ଥିବା ଅଲ୍ଲାଃଙ୍କ ଭଣ୍ଡାର ମଧ୍ୟରୁ ଦୁଇଟି ଭଣ୍ଡାର, ଯିଏ ଅଲ୍ଲାଃଙ୍କ ସାନ୍ନିଧ ପାଇଁ ଖର୍ଚ୍ଚ କରୁଛନ୍ତି ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]**
**(ପ୍ରଦତ୍ତ: ୨୬ ଜୁନ୍ ୨୦୨୦ ଅନୁଯାୟୀ ୨୬ ଏହ୍‌ସାନ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଗତ ଖୁତ୍‌ବାରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କର ଚର୍ଚ୍ଚା ଚାଲିଥିଲା । ତାଙ୍କ ଜୀବନୀ ଚର୍ଚ୍ଚାର ଆଉ କିଛି ଅଂଶ ବାକି ରହିଥିଲା । ଯାହାକି ଆଜି ଆଲୋଚନା କରିବି । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଦାନ କରିବାରେ ସୁପ୍ରସିଦ୍ଧି ଅର୍ଜନ କରିଥିଲେ ଏବଂ ଧର୍ମମାର୍ଗରେ ପ୍ରଚୁର ଅର୍ଥ ଦାନ କରୁଥିଲେ ଏଥିସଂକ୍ରାନ୍ତରେ ଆଜି ଅଧିକାଂଶ ଦ୍ରଷ୍ଟବ୍ୟ ଏକତ୍ରିତ ହୋଇଛି । ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ୱସିୟତ୍ କରିଥିଲେ ଯେ ବଦର ଯୁଦ୍ଧରେ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ମୁସଲମାନମାନଙ୍କୁ ଚାରିଶହ ଦୀନାର୍ ପ୍ରଦାନ କରାଯିବ । ଅତଏବ ଏଥିମୁତାବକ କାର୍ଯ୍ୟକାରୀ କରାଗଲା । ସେତେବେଳେ ସେହି ସାହାବାମାନଙ୍କର ସଂଖ୍ୟା ଏକଶତ ଥିଲା ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୨୯୩.......... ବେରୁତ ୧୯୯୫)*

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଯେତେବେଳେ ତବୁକ୍ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ ହେବାର ନିର୍ଦ୍ଦେଶ ଦେଲେ ସାହାବାମାନଙ୍କୁ ସେତେବେଳେ ଆପଣ ଧନଶାଳୀ ସାହାବାମାନଙ୍କୁ ଅଲ୍ଲାଃଙ୍କ ମାର୍ଗରେ ଅର୍ଥଦାନ ଓ ବାହନ ଉତ୍ସର୍ଗ କରିବାପାଇଁ ଆହ୍ୱାନ ଦେଇଥିଲେ । ସେତେବେଳେ ସର୍ବପ୍ରଥମେ ହଜ୍‌ରତ୍ ଅବୁବକର ର:ଅ ନିଜ ଘରର ସମସ୍ତ ଅର୍ଥ ଓ ଆସବାବ ସାମଗ୍ରୀ ଆଣି ହଜୁର ସ:ଆ:ସଙ୍କ ଚରଣେ ରଖିଦେଇଥିଲେ । ଯାହାର ମୂଲ୍ୟାୟନ ମୋଟ ଚାରିଶହ ଦିରହମ୍ ଥିଲା । ହଜୁର ସ:ଆ:ସ ତାଙ୍କୁ ପ୍ରଶ୍ନ କଲେ ନିଜ ପରିବାରବର୍ଗଙ୍କ ପାଇଁ କଣ ଛାଡ଼ି ଆସିଛ ? ସେ ଉତ୍ତର ଦେଲେ ପ୍ରଭୁ ଓ ତାଙ୍କ ଅବତାରଙ୍କୁ ଛାଡ଼ି ଆସିଛି । ହଜ୍‌ରତ୍ ଉମର୍ ର:ଅ ଏଥିମଧ୍ୟରେ ନିଜ ଘରର ଅଧା ଅର୍ଥ ନେଇ ଆସିଲେ, ହଜୁର ତାଙ୍କୁ ସମାନ୍ ପ୍ରଶ୍ନ କଲେ, ସେ ଉତ୍ତର ଦେଲେ ଅଧା ସମ୍ପତି ଘରଲୋକଙ୍କ ପାଇଁ ଛାଡ଼ି ଆସିଅଛି ।

ସେହି ଅବସରରେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଶହେ ଉକିୟା ହଜୁର ସ:ଆ:ସଙ୍କ ନିକଟରେ ପଇଠ କରିଥିଲେ । ଏକ ଉକିୟାର ମୁଲ୍ୟ ଚାଳିଶି ଦିରହମ୍ ଅଟେ । ତେବେ ପାଖାପାଖି ଚାରି ହଜାର ଦିରହମ୍ ପଇଠ କରିଥିଲେ । ହଜୁର ସ:ଆ:ସ କହିଲେ ଉସ୍‌ମାନ୍ ବିନ୍ ଅଫଫାନ୍ ଓ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଭୂପୃଷ୍ଠରେ ପରମେଶ୍ୱରଙ୍କର ଭଣ୍ଡାରଗୁଡ଼ିକ ମଧ୍ୟରୁ ଦୁଇଟି ଭଣ୍ଡାର ସେ ପ୍ରଭୁଙ୍କ ପ୍ରତିଭାଜନ ଲାଭ କରିବା ପାଇଁ ଖର୍ଚ୍ଚ କରିଥାନ୍ତି । *(ସିରତୁଲ୍ ହଲ୍‌ବିୟା ଖଣ୍ଡ-୩, ପୃ-୧୮୪...... ବେରୁତ ୨୦୦୨) (ଲୁଗାତୁଲ୍ ହଦିସ୍ ଖଣ୍ଡ-୪, ପୃ-୫୬୭....)*

ହଜ୍‌ରତ୍ ଉମ୍ମେ ବକାର୍ ବିନ୍ତ ମିସ୍‌ୱର୍ ବର୍ଣ୍ଣନା କରନ୍ତି ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ହଜ୍‌ରତ୍ ଉସ୍‌ମାନଙ୍କର ଏକ ଜମି ଚାଳିଶି ହଜାର ଦୀନାର୍‌ରେ କ୍ରୟ କରିଥିଲେ ଏବଂ ତାହାକୁ ଗରିବ, ଅଭାବି ଓ ବିଶ୍ୱାସକାରୀଙ୍କ ମାତା ଅର୍ଥାତ ଉମ୍ମୁଲ୍ ମୁମିନିନ୍‌ଙ୍କ ମଧ୍ୟରେ ବାଂଟି ଦେଇଥିଲେ । ଅର୍ଥାତ ହଜୁର ସ:ଆ:ସଙ୍କ ସହଧର୍ମିଣୀଙ୍କ ମଧ୍ୟରେ ବାଂଟି ଦେଇଥିଲେ । ମିସ୍‌ୱର୍ ବିନ୍ ମଖ୍‌ରମାଃ ବର୍ଣ୍ଣନା କରନ୍ତି, ଯେତେବେଳେ ହଜ୍‌ରତ୍ ଆଇଶା ର:ଅଙ୍କୁ ସେଥିରୁ କିଛି ଅଂଶ ଦିଆଗଲା ସେତେବେଳେ ସେ ପ୍ରଶ୍ନ କଲେ ଏହା କେଉଁ ଭଦ୍ର ବ୍ୟକ୍ତି ଦାନ କରିଛନ୍ତି । ମୁଁ ଉତର ଦେଲି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍, ଏଥିରେ ହଜ୍‌ରତ୍ ଆଇଶା ପୁନଶ୍ଚ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏହା କହିଥିବାର ଶୁଣିଛି ଯେ, ମୋ ଅନ୍ତେ ଅର୍ଥାତ ହଜୁର ସ:ଆ:ସଙ୍କ ଅନ୍ତେ ତୁମମାନଙ୍କ ସହ ସେହି ବ୍ୟକ୍ତି ସୁନ୍ଦର ଆଚରଣ କରିବ ଯିଏ ଅତ୍ୟନ୍ତ ଧୈର୍ଯ୍ୟବାନ ହୋଇଥିବ । ତାହାପରେ ସେ ଦୁଆ କଲେ ହେ ପ୍ରଭୁ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ ବୈକୁଣ୍ଠର ନିର୍ଝର ସଲ୍‌ସବିଲ୍‌ରୁ ପାନ କରାଅ ।

*(ତବକାତୁଲ୍ କୁବ୍‌ରା.........ଖଣ୍ଡ-୩, ପୃ-୯୮............ ବେରୁତ ୧୯୯୦)*
*(ରୌଶନ୍ ସିତାରେ........... ଖଣ୍ଡ-୨, ପୃ-୧୧୯)*

ଆଉ ଏକ ବର୍ଣ୍ଣନାରେ ଏପରି ଉଲ୍ଲେଖ ରହିଛି ଯେ, ହଜୁର ସ:ଆ:ସ କହିଲେ ମୋ ଅନ୍ତେ ମୋ ପରିବାର ବର୍ଗର ସେହି ବ୍ୟକ୍ତି ଦେଖାଶୁଣା କରିବ ଯିଏ ସତ୍ୟବାଦୀ ଓ ପୂଣ୍ୟବନ୍ତ ହୋଇଥିବ । ଅତଏବ୍ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଉମ୍ମୁହାତୁଲ୍ ମୁମିନିନ୍‌ଙ୍କୁ ସେମାନଙ୍କ ବାହନ ସମେତ ନେଇ ହଜ୍ କରିବାକୁ ଯାଇଥିଲେ ଏବଂ ସବାରୀକୁ ପର୍ଦ୍ଦା ଦ୍ୱାରା ଢ଼ାଙ୍କି ଦେଇଥିଲେ ଏବଂ ଏଭଳି ଘାଟି ସ୍ଥାନରେ ଅବସ୍ଥାନ କରୁଥିଲେ ଯାହାକି ମୁଖ୍ୟ ରାସ୍ତାଠାରୁ ପୃଥକ ଓ ଦୁରରେ ରହିଥିଲା । ଯଦ୍ୱାରା ବେପର୍ଦ୍ଦା ନ ହେବ ଏବଂ ମହିଳାମାନେ ସ୍ୱାଧିନ ଭାବରେ ଶୟନ ଓ ନିଜର ଅନ୍ୟାନ୍ୟ କାର୍ଯ୍ୟ କରିପାରିବେ ।

*(ଅଲ୍‌ଅସାବାଃ....... ଖଣ୍ଡ-୪, ପୃ-୨୯୨.......... ବେରୁତ ୧୯୯୫)*

ଏକଦା ମଦିନାରେ ଦୁର୍ଭିକ୍ଷ ପଡ଼ିଲା ସେହି ସମୟରେ ସିରିୟାରୁ ସାତଶହ ଓଟରେ ଲଦା ଗହମ, ଅଟା ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ନେଇ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଆସିଥିଲେ । ଏହା ଦେଖି ଲୋକମାନଙ୍କ ମଧ୍ୟରେ କୋଳାହଳ ଉତ୍ପନ୍ନ ହେଲା । ଏହା ଶୁଣି ହଜ୍‌ରତ୍ ଆଇଶା ପଚାରିଲେ ଏହି ସ୍ୱର କିଭଳି କେହି ଜଣେ ଆପଣଙ୍କୁ କହିଲେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ସାତଶହ ଓଟରେ ଗହମ, ଅଟା ଓ ଅନ୍ୟାନ୍ୟ ଖାଦ୍ୟ ସମାଗ୍ରୀ ନେଇଆସଛନ୍ତି । ସେ କହିଲେ ମୁଁ ହଜୁର ସ:ଆ:ସଙ୍କୁ ଏହା କହିଥିବାର ଶୁଣିଛି କି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ବୈକୁଣ୍ଠରେ ଆଣ୍ଠେଇ ଆଣ୍ଠେଇ ପ୍ରବେଶ କରିବେ । ଯେତେବେଳେ ହଜ୍‌ରତ୍ ଆଇଶାଙ୍କର ଏହି ଉକ୍ତି ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କ ନିକଟରେ ପହଂଚିଲା ସେତେବେଳେ ସେ ହଜ୍‌ରତ୍ ଆଇଶାଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ମାତା ! ମୁଁ ଆପଣଙ୍କୁ ସାକ୍ଷ୍ୟ ରଖି କହୁଛି ଏ ସମସ୍ତ ଖାଦ୍ୟଶସ୍ୟ ଓ ଖାଦ୍ୟସାମଗ୍ରୀ ଏପରିକି ଓଟର ପାଳିଙ୍କି ସୁଧା ସମସ୍ତ ବସ୍ତୁ ମୁଁ ଅଲ୍ଲାଃଙ୍କ ମାର୍ଗରେ ଦାନ କରୁଅଛି ଏବଂ ଏହା ପ୍ରତିବଦଳରେ କାମନା କରୁଛି କି ବୈକୁଣ୍ଠରେ ମୁଁ ଆଣ୍ଠେଇ ନୁହେଁ ବରଂ ନିଜ ପାଦରେ ଚାଲି ଚାଲି ପ୍ରବେଶ କରେ ।

*(ଉସଦୁଲ୍ ଗାବାଃ........ ଖଣ୍ଡ-୩, ପୃ-୪୭୮.......... ବେରୁତ)*
*(ରୌଶନ୍ ସିତାରେ........... ଖଣ୍ଡ-୨, ପୃ-୧୧୦-୧୧୧)*

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଅଲ୍ଲାଃଙ୍କ ମାର୍ଗରେ ଅଗଣିତ ଦାନଧ୍ୟାନ କରିଥିବାର ଘଟଣା ସାହାବା ଜମା କରିଛନ୍ତି । ଉସଦୁଲ୍ ଗାବାଃରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏକଦା ଗୋଟିଏ ଦିନରେ ତିରିଶିଜଣ କ୍ରୀତଦାସଙ୍କୁ

ସ୍ୱାଧୀନ କରିଥିଲେ । ***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୧୦)***

ଏକଦା ହଜ୍‌ରତ୍ ଉମର୍ ର:ଅଙ୍କୁ କିଛି ଅର୍ଥର ଆବଶ୍ୟକତା ପଡ଼ିଲା, ସେଥିପାଇଁ ସେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ କରଜ ମାଗିଲେ । ଏଥିରେ ସେ ପ୍ରଶ୍ନ କଲେ, ହେ ଅମିରୁଲ୍ ମୁମିନିନ୍ ଆପଣ ମତେ କାହିଁକି କରଜ ମାଗୁଛନ୍ତି ? ଆପଣ ବଇତୁଲ୍ ମାଲ୍‌ରୁ କରଜ ନେଇପାରିବେ ଅଥବା ହଜ୍‌ରତ୍ ଉସ୍‌ମାନଙ୍କ ପରି ଧନାର୍ଢ୍ୟ ବ୍ୟକ୍ତିଙ୍କଠାରୁଚ କରଜ ମାଗିପାରିବେ ବା ଅନ୍ୟକୌଣସି ଧନୀ ଲୋକଠାରୁ କରଜ ନେଇପାରିବେ । ସେ ଉତର ଦେଲେ ଏଥିପାଇଁ କି ବଇତୁଲ୍ ମାଲ୍‌କୁ ଫେରସ୍ତ କରିବାକୁ ସମ୍ଭବତଃ ମୁଁ ଭୁଲିଯିବି । ପୁନଶ୍ଚ ଯଦି ଅନ୍ୟ କାହାରିଠାରୁ ନିଏ ତେବେ ସେ ମୋର ମର୍ଦ୍ୟାଯା ରକ୍ଷା କରି ମୋଠାରୁ ଅର୍ଥ ଫେରସ୍ତ ନ ନେଇପାରେ । କିନ୍ତୁ ତୁମେ ନିଜ ଅର୍ଥ ମୋ'ଠାରୁ ନିଶ୍ଚିତ ମାଗିନେବ ***(ଅଶ୍‌ରା ମୁବଶିରା......... ପୃ-୮୮୨..... ଲାହୋର)*** । କାରଣ ତୁମର ମୋ ସହ ଉନ୍ମୁକ୍ତ ଓ ଖୋଲାଖୋଲି ଭାବପ୍ରିତି ରହିଛି । ତେଣୁ ଯେତେବେଳେ ଆବଶ୍ୟକ ମୁଁ ବିନା ଦ୍ୱିଧାରେ ତୁମଠାରୁ ମାଗିନେଇପାରିବି ।

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କ ପୁତ୍ର ଇବ୍ରାହିମ୍ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ କହିଲେ ହେ ଇବ୍‌ନେ ଅଓଫ୍ ତୁମେ ବୈକୁଣ୍ଠରେ ଘୁସୁଡ଼ି ଘୁସୁଡ଼ି ପ୍ରବେଶ କରିବ କାରଣ ତୁମେ ଜଣେ ଧନୀ ଲୋକ । ସୁତରାଂ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କର ଯଦ୍ୱାରା ନିଜ ଗୋଡ଼ରେ ଚାଲି ଚାଲି ବୈକୁଣ୍ଠରେ ପ୍ରବେଶ କରିପାରିବ । ଏହା ପୂର୍ବେ ଚର୍ଚ୍ଚା ହୋଇଥିବା ହଜ୍‌ରତ୍ ଆଇଶାଙ୍କ ବର୍ଣ୍ଣନାର ଅବିକଳ ବର୍ଣ୍ଣନା । ସେ ଯାହା ହେଉ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ କହିଲେ ହେ ମହାଭାଗ ! ଅଲ୍ଲାଃଙ୍କ ମାର୍ଗରେ କଣ ଖର୍ଚ୍ଚ କରିବି ? ହଜୁର ସ:ଆ:ସ ଉତର ଦେଲେ ଯାହା ତୁମ ନିକଟରେ ରହିଛି ଖର୍ଚ୍ଚ କର । ପୁନଶ୍ଚ ପ୍ରଶ୍ନ କଲେ, କଣ ସବୁକିଛି ଅର୍ଥାତ ମୋ ନିକଟରେ ଯାହାସବୁ ସମ୍ପତି ରହିଛି ସବୁକିଛି ମୁଁ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରିଦେବି, ଦାନ କରିଦେବି ? ଉତର ମିଳିଲା ହଁ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏହି ଉଦ୍ଦେଶ୍ୟ ନେଇ ବାହାରିପଡ଼ିଲେ କି ନିଜର ସମସ୍ତ ଧନସମ୍ପତି ପ୍ରଭୁଙ୍କ ମାର୍ଗରେ ଦାନ କରିଦେବି । କିଛି କ୍ଷଣ ପରେ ହଜୁର ସ:ଆ:ସ ତାଙ୍କୁ ଡ଼କାଇ ପଠାଇଲେ ଏବଂ କହିଲେ ତୁମ ଯିବାପରେ ଜିବ୍ରାଇଲ୍ ଆସିଥିଲେ, ସେ କହିଲେ ଯେ, ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କୁ କୁହ ଅତିଥି ସତ୍କାର କରନ୍ତୁ, ଅଭାବି ଓ ଭୋକିଲା ଲୋକଙ୍କ ପାଟିରେ ଆହାର ଦିଅନ୍ତୁ ଏବଂ ଅନ୍ୟମାନଙ୍କ ତୁଳନାରେ ନିଜ ବନ୍ଧୁ ପରିଜନମାନଙ୍କ ପାଇଁ ଖର୍ଚ୍ଚ କରନ୍ତୁ । ଯଦି ସେ ଏପରି କରନ୍ତି ତେବେ ତାଙ୍କର ଧନ ପବିତ୍ର ହୋଇଯିବ । ***(ତବକାତୁଲ୍ କୁବ୍‌ରା........ ଖଣ୍ଡ-୩, ପୃ-୯୭........ବେରୁତ ୧୯୯୦)***

ଅଲ୍ଲାଃଙ୍କ ମାର୍ଗରେ ପବିତ୍ର ଅର୍ଥ ଦାନ କଲେ ମଣିଷ ଆଣ୍ଠେଇ ଆଣ୍ଠେଇ ନୁହଁ ବରଂ ପାଦରେ ଚାଲି ଚାଲି ବୈକୁଣ୍ଠରେ ପ୍ରବେଶ କରିବ । ଏକଦା ସେ ନିଜର ଅଧା ସମ୍ପତି ଅର୍ଥାତ ଚାରିହଜାର ଦିର୍‌ହମ୍ ପ୍ରଭୁଙ୍କ ମାର୍ଗରେ ଦାନ କରିଥିଲେ । ଆଉ ଥରେ ଚାଳିଶି ହଜାର ଦିନାର୍ ପ୍ରଭୁଙ୍କ ମାର୍ଗରେ ଦାନ କରିଥିଲେ । ଏକଦା ପାଂଚଶହ ଘୋଡ଼ା ଦାନ କରିଥିଲେ, ଆଉ ଥରେ ପାଂଚଶହ ଓଟ ଦାନ କରିଥିଲେ । ***(ଉସଦୁଲ୍ ଗାବାଃ....... ଖଣ୍ଡ-୨, ପୃ-୪୭୮......... ବେରୁତ) (ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୧୧)***

ତାଙ୍କ ପୁତ୍ର ଅବୁ ସଲାମ୍ ବର୍ଣ୍ଣନା କରନ୍ତି, ଆମ ପିତା ଏକ ବଗିଚା ଉମ୍ମୁହାତୁଲ୍ ମୁମିନିନ୍‌ଙ୍କ ନାମରେ ୱସିୟତ୍ କରିଦେଇଥିଲେ କି ତାଙ୍କ ମଧ୍ୟରେ ସମାନ୍ ଭାବରେ ବାଂଟି ଦିଆଯାଉ । ଯାହାର ମୂଲ୍ୟ ପାଖାପାଖି ଚାରି ଲକ୍ଷ ଦିର୍‌ହମ୍ ଥିଲା ।

***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୧୯)***

ଏଥିସହିତ ପଚାଶ ହଜାର ଦୀନାର୍ ପ୍ରଭୁଙ୍କ ମାର୍ଗରେ ଦାନ କରିବାକୁ ମଧ୍ୟ ସେ ୱସିୟତ୍ କରିଥିଲେ । ଏହାପରେ ତାଙ୍କର ଏକ ହଜାର ଓଟ, ତିନି ହଜାର ଛେଳି, ଶହେଟି ଘୋଡ଼ା ଯାହାକି ବକି ସ୍ଥାନରେ ଚରନ୍ତି । ମଦିନାଠାରୁ ତିନି ମିଲ୍ ଦୁରରେ ଅବସ୍ଥିତ ଜୁର୍‌ଫଙ୍କୁ ନାମକ ଏକ ସ୍ଥାନ ଯାହାକି ମଦିନାର ଉତର ଦିଗରେ ରହିଛି ଯେଉଁଠାରେ ହଜ୍‌ରତ୍ ଉମର୍ ର:ଅଙ୍କ କିଛି ଜମି ରହିଥିଲା । ସେଠାରେ କୋଡ଼ିଏଟି ଓଟ ସାହାଯ୍ୟରେ ସେ ଜଳସେଚନ କରି ଚାଷବାସ କରୁଥିଲେ । ଯଦ୍ୱାରା ବର୍ଷସାରା ନିଜ ପରିବାରଙ୍କ ପାଇଁ ଶସ୍ୟ ଉତ୍ପାଦନ କରିପାରିବେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ, ସେ ନିଜ ପଛରେ ଏତେ ପରିମାଣରେ ସ୍ୱର୍ଣ୍ଣ ଛାଡ଼ି ଯାଇଥିଲେ ଯେ, ତାହାକୁ ଟାଙ୍ଗିଆରେ କାଟି କାଟି ଲୋକଙ୍କ ହାତରେ ଫୋଟକା ପଡ଼ିଯାଇଥିଲା । ***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୧୦୦-୧୦୧........... ବେରୁତ ୧୯୯୦) (ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୧୫) (ଫର୍‌ହଙ୍ଗ ସିରତ୍, ପୃ-୮୭, କରାଚି ୨୦୦୩)***

ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍‌ଙ୍କର ଦେହାନ୍ତ ୩୧ ହିଜ୍‌ରୀରେ ହୋଇଥିଲା ଆଉ କେତେକଙ୍କ କହିବା ଅନୁଯାୟୀ ସେ ୩୨ ହିଜର୍‌ୀରେ ଇହଧାମ ତ୍ୟାଗ କରିଥିଲେ । ସେ ଦୀର୍ଘ ୭୨ ବର୍ଷ ଜୀବିତ ରହିଥିଲେ । ଆଉ କେତେକ କୁହନ୍ତି ସେ ୭୮ ବର୍ଷକାଳ ଜୀବିତ ରହିଥିଲେ ଏବଂ ଜନ୍ନତୁଲ୍ ବକିରେ ତାଙ୍କୁ ଦଫନ୍ କରାଯାଇଥିଲା । ହଜ୍‌ରତ୍ ଉସ୍‌ମାନ୍ ର:ଅ ତାଙ୍କ ଯନାଜାଃ ପାଠ କରାଇଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ, ହଜ୍‌ରତ୍ ଜୁବୈର୍ ବିନ୍ ଅୱାମ୍ ତାଙ୍କର ଯନାଜାଃ ପାଠ କରାଇଥିଲେ ।

***(ଅଲ୍‌ଅସାବାଃ...... ଖଣ୍ଡ-୪, ପୃ-୨୯୩......... ବେରୁତ ୧୯୯୫)***

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୧୦୦........... ବେରୁତ ୧୯୯୦)***

ତାଙ୍କ ମରଶରୀର ନିକଟରେ ଛିଡ଼ା ହୋଇ ହଜ୍‌ରତ୍ ସାଆଦ୍ ବିନ୍ ମାଲିକ କହିଥିଲେ, ବଡ଼ ଦୁଃଖର କଥା ପାହାଡ଼ ପରି ମଣିଷଟିଏ ଆଜି ଚାଲିଗଲେ । ହଜ୍‌ରତ୍ ଅଲୀ କହିଥିଲେ, ଇବ୍‌ନେ ଅଓଫ୍ ଏହି ଜଗତରୁ ବିଦାୟ ନେଇଯାଇଛନ୍ତି । ସେ ସଂସାର ରୁପକ ନିର୍ଝରରୁ ସ୍ୱଚ୍ଛଜଳ ପାନ କରିଥିଲେ ଏବଂ ଅପରିଷ୍କାର ଜଳକୁ ଛାଡ଼ିଦେଇଥିଲେ । ଅବା ଏପରି କହିପାର ଯେ, ସେ ଏକ ସୁନ୍ଦର ଜୀବନଲାଭ କରିଥିଲେ ଏବଂ ଖରାପ ସମୟ ଆସିବା ପୁର୍ବରୁ ହିଁ ଏ ସଂସାରରୁ ବିଦାୟ ନେଇଯାଇଛନ୍ତି । ***(ରୌଶନ୍ ସିତାରେ.......... ଖଣ୍ଡ-୨, ପୃ-୧୧୭)***

ସେ ନିଜ ପଛରେ ତିନିଜଣ ପତ୍ନୀ ଛାଡ଼ି ଯାଇଥିଲେ । ପ୍ରତ୍ୟେକଙ୍କୁ ତାଙ୍କ ଭାଗ ଅର୍ଥାତ ଏକଅଷ୍ଟମାଂସ ଅନୁଯାୟୀ ଅଶି ଅଶି ହଜାର ଦିର୍‌ହମ୍ ମିଳିଥିଲା । ଅର୍ଥାତ ସେହି ପତ୍ନୀମାନଙ୍କୁ ।

***(ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୧୦୧........... ବେରୁତ ୧୯୯୦)***

ଆଉ ଏକ ବର୍ଣ୍ଣନା ଅନୁଯାୟୀ କୁହାଯାଏ ଯେ ସେ ନିଜ ପଛରେ ଚାରିଜଣ ପତ୍ନୀଙ୍କୁ ଛାଡ଼ି ଯାଇଥିଲେ ଏବଂ ପ୍ରତ୍ୟେକଙ୍କୁ ଅଶି ଅଶିହଜାର ଦିର୍‌ହମ୍ ଭାଗ ମିଳିଥିଲା ।

ପରବର୍ତୀ ଚର୍ଚ୍ଚା ଯେଉଁ ସାହାବାଙ୍କର ହେବ ସେ ହେଲେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ସମ୍ବନ୍ଧ ଅନ୍‌ସାର୍‌ର ୱସ୍ ସଂପ୍ରଦାୟର ଶାଖା ବନୁ ଅବ୍‌ଦୁଲ୍ ଅଶହଲ୍ ସହିତ ଥିଲା ଏବଂ ୱସ୍ ସମ୍ପ୍ରଦାୟରେ ସେ ସର୍ଦ୍ଦାର ଥିଲେ । ତାଙ୍କ ପିତାଙ୍କ ନାମ ମୁଆଜ୍ ବିନ୍ ନୋମାନ୍ ଥିଲା ଓ ମାତାଙ୍କ ନାମ କବ୍‌ଶା ବିନ୍‌ତେ ରାଫେ ଥିଲା । ସେ ହଜୁର ସ:ଆ:ସଙ୍କ ସାହାବିମାନଙ୍କ ମଧ୍ୟରେ ଅର୍ନ୍ତଭୁକ୍ତ ଥିଲେ । ସାଆଦ୍‌ଙ୍କର କୁନିୟତ୍ ଅବୁ ଉମୋର୍ ଥିଲା ଏବଂ ତାଙ୍କ ପତ୍ନୀଙ୍କ ନାମ ହିନ୍ଦ ବିନ୍‌ତ ସିମାକ ଥିଲା । ସେ ମଧ୍ୟ ସାହାବିୟା ଥିଲେ ଅର୍ଥାତ ସାଆଦ୍‌ଙ୍କର ପତ୍ନୀ । ତାଙ୍କ ଔରଷ୍‌ରୁ ସାଆଦ୍‌ଙ୍କୁ ଦୁଇଟି ସନ୍ତାନ ଉମ୍‌ରୋ ଏବଂ ଅବ୍‌ଦୁଲ୍ଲାଃ ପ୍ରାପ୍ତ ହୋଇଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ ଓ ହଜ୍‌ରତ୍ ହୁସୈନ୍ ବିନ୍ ଉଜୈର୍ ଦୁହେଁ ହଜ୍‌ରତ୍ ମସ୍‌ଅବ୍ ବିନ୍ ଉମୈର୍‌ଙ୍କ ହସ୍ତରେ ବୟତ କରି ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ହଜ୍‌ରତ୍ ମସ୍‌ଅବ୍ ଦ୍ୱିତୀୟ ବୈଅତ୍ ଅକବା ସାନିୟାରେ ସାମିଲ ଥିବା ସତୁରୀ ଜଣ ସାହାବାଙ୍କ ପୂର୍ବରୁ ମଦିନା ଚାଲିଆସିଥିଲେ । ଅସଲରେ ହଜୁର ସ:ଆ:ସ ତାଙ୍କୁ ମଦିନା ପ୍ରେରଣ କରିଥିଲେ ଯଦ୍ୱାରା ସେ ଲୋକମାନଙ୍କ ନିକଟରେ ଇସ୍‌ଲାମ୍‌ର ବାର୍ତା ପହଂଚାଇ ପାରିବେ ଏବଂ ସେମାନଙ୍କୁ ପବିତ୍ର କୋରାନ୍ ପାଠ କରି ଶୁଣାଇବେ । ଯେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ ଇସଲାମ୍ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ ସେ ନିଜ କବିଲା ବନୁ ଅବ୍‌ଦେ ଅଶ୍‌ହଲ୍‌ଙ୍କୁ କହିଲେ ଯେ ପର୍ଯ୍ୟନ୍ତ ତୁମେ ସମସ୍ତେ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହୋଇନାହଁ ସେ ପର୍ଯ୍ୟନ୍ତ ମୋର ତୁମ ପୁରୁଷ ଓ ମହିଳାମାନଙ୍କ ସହିତ କଥାଭାଷା ହେବା ଅବୈଧ ଅତଏବ ତାଙ୍କ କବିଲାର ପ୍ରତ୍ୟେକ ସଦସ୍ୟ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଇଥିଲେ ଏବଂ ଅନ୍‌ସାରଙ୍କ ମଧ୍ୟରେ ବନୁ ଅବ୍‌ଦେ ଅଶ୍‌ହଲ୍ ଓ ପ୍ରଥମ କବିଲା ଥିଲା ଯାହାର ସମସ୍ତ ପୁରୁଷ ଓ ନାରୀ ସମୁଦାୟ ଲୋକେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଇଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ ହଜ୍‌ରତ୍ ମୁସ୍‌ଅବ୍ ଉମୈର୍ ଓ ହଜ୍‌ରତ୍ ଅସ୍‌ଅଦ୍ ବିନ୍ ଜରାରାଃଙ୍କୁ ନିଜ ଘରକୁ ନେଇଗଲେ ଏବଂ ସେହିଠାରେ ହିଁ ଏ ଦୁହେଁ ଲୋକମାନଙ୍କୁ ଇସ୍‌ଲାମ୍‌ର ବାର୍ତା ପ୍ରଦାନ କରିଥିଲେ । ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ ଓ ହଜ୍‌ରତ୍ ଅସ୍‌ଦ ବିନ୍ ଜରାରା ପରସ୍ପରର ମାଉସୀ ପୁଅ ଭାଇ ଥିଲେ । ହଜ୍‌ରତ୍ ସାଆଦ୍ ଓ ଉସୈଦ୍ ବିନ୍ ହୁଜୈର୍ ଦୁହେଁ ମିଶି ବନୁ ଅବ୍‌ଦେ ଅଶ୍‌ହଲ୍‌ର ମୂର୍ତୀଗୁଡ଼ିକ ଭାଙ୍ଗି ଦେଇଥିଲେ । ଯେତେବେଳେ ଉକ୍ତ କବିଲାର ସମସ୍ତ ଲୋକମାନେ ମୁସଲମାନ ହୋଇଗଲେ । ହଜୁର ସ:ଆ:ସ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ ସହ ହଜ୍‌ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ସହିତ ମୁଆଖାତ୍ ଅର୍ଥାତ ଭାତୃଭାବ ସ୍ଥାପନ କରିଥିଲେ । ଆଉ ଏକ ବର୍ଣ୍ଣନା ଅନୁଯାୟୀ ତାଙ୍କର ହଜ୍‌ରତ୍ ଅବୁ ଉବୈଦ୍‌ା ବିନ୍ ଜର୍‌ରାଃଙ୍କ ସହ ମୈତ୍ରୀକ ସମ୍ପର୍କ ସ୍ଥାପନ କରିଥିଲେ । ***(ଉସଦୁଲ୍ ଗାବାଃ....... ଖଣ୍ଡ-୨, ପୃ-୪୬୧......... ବେରୁତ ୨୦୦୩) (ତବକାତୁଲ୍ କୁବ୍‌ରା........ଖଣ୍ଡ-୩, ପୃ-୩୨୦-୩୨୧........... ବେରୁତ ୧୯୯୦) (ଅଲ୍‌ଅସାବାଃ...... ଖଣ୍ଡ-୩, ପୃ-୭୦......... ବେରୁତ ୧୯୯୫)***

ହଜ୍‌ରତ୍ ସାଆଦ୍‌ଙ୍କର ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ଘଟଣା ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶୀର୍ ଅହ୍‌ମଦ୍ ସାହେବ୍ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି । ମକ୍କାରୁ ପ୍ରତ୍ୟାବର୍ତନ କରିବା ସମୟରେ ସେହି ବାରଜଣ ନବାଗତ ମୁସଲମାନ ହଜୁର

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ସ:ଆ:ସଙ୍କ ନିକଟରେ ନିବେଦନ କରିଥିଲେ କି ଆମ ସହିତ ଜଣେ ମୁସଲମାନ ବିଦ୍ୱାନଙ୍କୁ ପ୍ରେରଣ କରନ୍ତୁ ଯିଏ ଆମକୁ ଇସ୍‌ଲାମ୍ ଧର୍ମ ସମ୍ବନ୍ଧରେ ଭଲରୂପେ ଅବଗତ କରାଇବ ଏବଂ ଆମର ଅମାନ୍ୟକାରୀ ଭାଇମାନଙ୍କୁ ଇସ୍‌ଲାମ୍‌ର ବାର୍ତା ପ୍ରଚାର କରିବ । ବସ୍ତୁତ୍ୱଃ ହଜୁର ସ:ଆ:ସ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍‌ଙ୍କୁ ଯିଏ କି କବିଲା ଅବ୍‌ଦୁଦ୍ ଦାରର୍ ଜଣେ ନୈଷ୍ଠିକ ଯୁବ ମୁସଲମାନ ଥିଲେ, ତାଙ୍କୁ ପ୍ରେରଣ କରିଥିଲେ । ସେତେବେଳେ ଇସ୍‌ଲାମ୍‌ର ମୁବଲ୍ଲିଗ୍‌ମାନଙ୍କୁ କାରୀ ଓ ମୁକ୍‌ରି କୁହାଯାଉଥିଲା । କାରଣ ସେମାନଙ୍କ କାର୍ଯ୍ୟ ପବିତ୍ର କୋରାନ୍ ପାଠ କରି ଲୋକମାନଙ୍କୁ ଶୁଣାଇବା ଥିଲା ଏବଂ ଏହା ହିଁ ସେତେବେଳେ ଇସ୍‌ଲାମ୍‌ର ପ୍ରଚାର କରିବା ସର୍ବୋତ୍କୃଷ୍ଟ ମାଧ୍ୟମ ଥିଲା । ଅତଏବ ହଜ୍‌ରତ୍ ମସ୍‌ଅବ୍ ଯସରବ୍‌ରେ ଏହି କାରଣରୁ ମୁକୁରି ନାମରେ ପ୍ରସିଦ୍ଧ ଅର୍ଜନ କରିଥିଲେ ।

ହଜ୍‌ରତ୍ ମସ୍‌ଅବ୍ ମଦିନାରେ ପହଂଚିବା ପରେ ଅସଦ୍ ବିନ୍ ଜରାରାଃଙ୍କ ଘରେ ଅବସ୍ଥାନ କରିଥିଲେ । ଏହାର କିଛି ଅଂଶ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈର୍‌ଙ୍କ ଜୀବନୀ ଚର୍ଚ୍ଚା ସମୟରେ ମୁଁ ଆଲୋଚନା କରିସାରିଛି । ସେ ଯାହା ହେଉ  ଏଠାରେ ମଧ୍ୟ ପୁର୍ନବାର ଚର୍ଚ୍ଚା ହୋଇଯିବ । ଅସଦ୍ ବିନ୍ ଜରାରାଃ ମଦିନାର ପ୍ରଥମ ମୁସଲମାନ ଥିଲେ ଏବଂ ଜଣେ ନୈଷ୍ଠ୍ୟିକ ଓ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ । ସେ ନିଜ ଘରକୁ ଇସ୍‌ଲାମ୍‌ର କେନ୍ଦ୍ରସ୍ଥଳୀ କରିଦେଇଥିଲେ । ତଥା ନିଜ ଧାର୍ମିକ ସେବା ସମ୍ପାଦନ କରିବାରେ ସର୍ବଦା ତତ୍ପର ରହୁଥିଲେ, ଯେହେତୁ ମଦିନାର ପରିବେଶ ଅତ୍ୟନ୍ତ ଶାନ୍ତ ରହିଥିଲା ତେଣୁ ସେଠାରେ ମୁସଲମାନମାନଙ୍କୁ ସାମୁହିକ ଧର୍ମକର୍ମର ସେବା ସମ୍ପାଦନ କରିବାର ଅବସର ଲାଭ ହୋଇଥିଲା । ତେଣୁ ଅସଦ୍ ର:ଅଙ୍କ ନିବେଦନ କ୍ରମେ ହଜୁର ସ:ଆ:ସ ହଜ୍‌ରତ୍ ମୁସ୍‌ଅବ୍ ବିନ୍ ଉମୈରଙ୍କୁ ସାମୁହିକ ଜୁମା ନମାଜ ପାଠ କରାଇବାର ଅନୁମତି ପ୍ରଦାନ କରିଥିଲେ ଏବଂ ପ୍ରଭୁଙ୍କ କୃପାରୁ ମଦିନାର ଘରେ ଘରେ ଇସ୍‌ଲାମ୍‌ର ଚର୍ଚ୍ଚା ହେବା ଆରମ୍ଭ ହୋଇଯାଇଥିଲା ।  ତଥା ଓ୍ୱସ୍ ଓ ଖଜ୍‌ରଜ୍ ଗୋଷ୍ଠୀ ଖୁବ୍ ତିବ୍ରତାର ସହ ମୁସଲମାନ ହେବା ଆରମ୍ଭ କରିଦେଇଥିଲେ । କେତେକ ସମୟରେ ତ ସମଗ୍ର ଗୋଷ୍ଠୀ ସମୁହ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଯାଇଥିଲେ । ଅତଏବ ବନୁ ଅବ୍‌ଦେ ଅଶ୍‌ହଲ୍ ଏହାର ଏକ ଦୃଷ୍ଟାନ୍ତ । ଉକ୍ତ କବିଲା ଅନ୍‌ସାରର ପ୍ରସିଦ୍ଧ ଗୋଷ୍ଠୀ ଓ୍ୱସ୍‌ର ଏକ ଶାଖା ଯାହାର ଦଳପତି ସାଆଦ୍ ବିନ୍ ମାଆଜ୍ ଥିଲେ, ସେ ମାତ୍ର ବନୁ ଅବ୍‌ଦେ ଅଶ୍‌ହଲ୍‌ର ସର୍ଦ୍ଦାର ନଥିଲେ ବରଂ ସମ୍ପୁର୍ଣ୍ଣ ଓ୍ୱସ୍ କବିଲାର ସର୍ଦ୍ଦାର ଥିଲେ ।

ଯେତେବେଳେ ମଦିନାରେ ଇସ୍‌ଲାମ୍‌ର ଚର୍ଚ୍ଚା ହେବା ଆରମ୍ଭ ହେଲା ସେତେବେଳେ ତାଙ୍କୁ ଏକଥା ଅପସନ୍ଦ ଲାଗିଥିଲା ତେଣୁ ସେ ଏହାକୁ ରୋକିବାକୁ ପ୍ରୟାସ ମଧ୍ୟ କରିଥିଲେ । କିନ୍ତୁ ଅସଦ୍ ବିନ୍ ଜରାରାଃଙ୍କ ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଥିଲା । ଦୁହେଁ ପରସ୍ପରର ମାଉସୀ ପୁଅ ଭାଇ ଥିଲେ ଏବଂ ଅସଦ୍ ମୁସଲମାନ ହୋଇସାରିଥିଲେ । ତେଣୁ ସାଆଦ୍ ତାଙ୍କୁ ସିଧାସଳଖ ବାରଣ କରିପାରୁନଥିଲେ । ଯଦ୍ୱାରା ସମ୍ପର୍କରେ କୌଣସି ଫାଟ ସୃଷ୍ଟି ହୋଇନଯାଏ । ସୁତରାଂ ସେ ନିଜର ଜଣେ ସମ୍ପର୍କୀୟ ଉସୈଦ୍ ବିନ୍ ହୁଜୈର୍ କହିଲେ ତୁମେ ମୁସ୍‌ଅବ୍ ବିନ୍ ଉମୈର୍‌ଙ୍କୁ ବାରଣ କର କି ଆମ ଲୋକମାନଙ୍କ ମଧ୍ୟରେ ଏ ଧର୍ମଛଡ଼ା କାର୍ଯ୍ୟକୁ ପ୍ରସୟ ନ ଦିଅନ୍ତୁ ଏବଂ ଇସ୍‌ଲାମ୍‌ର ପ୍ରଚାରରୁ ନିଜକୁ ନିବୃତ ରଖନ୍ତୁ ଏବଂ ଅସଦ୍‌ଙ୍କୁ ମଧ୍ୟ କହିଦିଅ ଯେ ତୁମେ କିଛି ଠିକ୍ କରୁନାହଁ । ଉସୈଦ୍ ମଧ୍ୟ କବିଲା ଅଶ୍‌ହଲ୍‌ର ଜଣେ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ଥିଲେ ତାଙ୍କ ପିତା ବୁଆସ୍ ଯୁଦ୍ଧରେ ସମଗ୍ର ଓ୍ୱସ୍ କବିଲାର ପ୍ରତିନିଧିତ୍ୱ ଓ ସର୍ଦ୍ଦାର ଅର୍ଥାତ ନେତୃତ୍ୱ ନେଇଥିଲେ । ଉକ୍ତ ଯୁଦ୍ଧ ଇସ୍‌ଲାମ୍ ପୂର୍ବରୁ ମଦିନାର ଦୁଇ ଗୋଷ୍ଠୀ ଓ୍ୱସ୍ ଓ ଖଜ୍‌ରଜ୍ ମଧ୍ୟରେ  ଘଟିଥିଲା ।

ସେ ଯାହା ହେଉ ସାଆଦ୍ ବିନ୍ ମାଆଜ୍‌ଙ୍କ ପରେ ଉସୈଦ୍ ବିନ୍  ହୁଜୈର୍ ଉକ୍ତ କବିଲାର ଜଣେ ସୁପ୍ରସିଦ୍ଧ ବ୍ୟକ୍ତି ଥିଲେ । ଅତଏବ ସେ ମୁସ୍‌ଅବ୍‌ଙ୍କ ନିକଟକୁ ଗଲେ ଏବଂ ଉକ୍ତତ୍ୟ ହୋଇ ରାଗିଯାଇ କହିଲେ ତୁମେ କାହିଁକି ଆମ ଲୋକମାନଙ୍କୁ ଧର୍ମଛଡ଼ା କରାଉଛ, ଏହି କାର୍ଯ୍ୟରୁ ନିଜକୁ ନିବୃତ ରଖ ନଚେତ କିଛି ଭଲ ହେବନାହିଁ । ଏହାର ଉତରରେ ମୁସ୍‌ଅବ୍ ର:ଅ କିଛି କହିଥାନ୍ତେ କି, ଅସ୍‌ଅଦ୍ ମୁସ୍‌ଅବ୍‌ଙ୍କ କାନରେ ଧିର ସ୍ୱରରେ କହିଲେ, ଯେ ନିଜ କବିଲାର ଜଣେ ମାନ୍ୟଗଣ ବ୍ୟକ୍ତିତ୍ୱ ତେଣୁ ତାଙ୍କ ସହ ପ୍ରେମ ଓ ନମ୍ରତାର ସହ କଥାଭାଷା ହୁଅ ଅତଏବ ସେ ତାଙ୍କୁ କହିଲେ, ଦେଖନ୍ତୁ ଉତ୍ୟକ୍ତ ହୁଅନ୍ତୁ ନାହିଁ ଦୟା କରି କିଛି କ୍ଷଣ ବସିପଡ଼ନ୍ତୁ । ଆମ କଥାଟିକେ ଥଣ୍ଡାମନରେ ଶୁଣିନିଅନ୍ତୁ ତା'ପରେ ଯାହା ନିଷ୍ପତି ନେବେ । ଉସୈଦ୍ ଏକଥାକୁ ନ୍ୟାୟ ସଙ୍ଗତ ଦେଖି ବସିପଡ଼ିଲେ । ମୁସ୍‌ଅବ୍ ତାଙ୍କୁ କୋରାନ୍ ପାଠ କରି ଶୁଣାଇଲେ ଏବଂ ବେଶ୍ ସୁନ୍ଦରଭାବରେ ଇସ୍‌ଲାମ୍‌ର ବାର୍ତା ସହ ଅବଗତ କରାଇଲେ । ଉସୈଦ୍‌ଙ୍କ ଉପରେ ଏହାର ଏଭଳି ପ୍ରଭାବ ପଡ଼ିଲା କି ସେ ସେହି ସ୍ଥଳେ ମୁସଲମାନ ହୋଇଗଲେ ଏବଂ କହିଲେ ମୋ ପଛରେ ଜଣେ ଏପରି ବ୍ୟକ୍ତି ଅଛନ୍ତି, ଯଦି ସେ ବୟତ କରିନିଅନ୍ତି ତେବେ ସମ୍ପୁର୍ଣ୍ଣ କବିଲା ମୁସଲମାନ ହୋଇଯିବ । ସେ ହିଁ ମତେ ଏଠାକୁ ପ୍ରେରଣ କରିଛନ୍ତି । ତୁମେ ଏହିଠାରେ ରହିଥାଅ ମୁଁ ତାଙ୍କୁ ଏଠାକୁ ପଠାଉଛି । ସୁତରାଂ ସେ ଗଲେ ଏବଂ କୌଣସି ମତେ ସାଆଦ୍ ବିନ୍ ମାଆଜ୍‌ଙ୍କୁ ପଠାଇବାରେ ସଫଳ ହେଲେ । ସାଆଦ୍ ଆସିଲେ ସତ କିନ୍ତୁ ଅତ୍ୟନ୍ତ କ୍ରୋଧାନୀତ ହୋଇ ଅସଦ୍‌ଙ୍କୁ କହିଲେ, ଦେଖ ଅସଦ୍ ତୁମେ ନିଜ ସମ୍ପର୍କର ଅନୁଚିତ ବ୍ୟବହାର କରୁଅଛ ଏହି ଆଚରଣ ଠିକ୍ ନୁହେଁ । ଏଥିରେ ମୁସ୍‌ଅବ୍ ତାଙ୍କୁ ବେଶ୍ ନମ୍ରତାର ସହ ଶୀତଳ କଲେ । ଅତଏବ ସେ ତାଙ୍କୁ କହିଲେ ଦେଖନ୍ତୁ ଉତ୍ୟକ୍ତ ହୁଅନ୍ତୁ ନାହିଁ, ଦୟା କରି କିଛି କ୍ଷଣ ପାଇଁ ବସିଯାଆନ୍ତୁ ଏବଂ ଥଣ୍ଡା ମନର ସହିତ ଆମ କଥାକୁ ଶୁଣିନିଅନ୍ତୁ ତା'ପରେ ଯାହା ଆପଣ ନିଷ୍ପତି ନେବେ ଆମେ ସ୍ୱୀକାର କରିନେବୁ । ସୁତରାଂ ସେ ନିଜ ବର୍ଚ୍ଛା ସାଉଁଟି ବସିପଡ଼ିଲେ । ସେ ସର୍ବଦା ନିଜ ଅସ୍ତ୍ର ନେଇ ଭ୍ରମଣ କରିଥାନ୍ତି । ମୁସ୍‌ଅବ୍ ତାଙ୍କୁ କୋରାନ୍ ପାଠ କରି ଶୁଣାଇଲେ ଏବଂ ବେଶ୍ ସୁନ୍ଦର ଭାବରେ ଇସ୍‌ଲାମ୍‌ର ବାର୍ତା ଓ ଶିକ୍ଷା ସହ ଅବଗତ କରାଇଲେ ।

ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ଉଲ୍ଲେଖ କରିଛନ୍ତି, ବର୍ତମାନ ଅଧିକ ସମୟ ଅତିବାହିତ ହୋଇନଥିଲା ଯେ, ଏହି ମୂର୍ତୀ ମଧ୍ୟ ସୁଧୁରିଗଲା । ଅର୍ଥାତ ତାଙ୍କ ଉପରେ ଇସ୍‌ଲାମୀୟ ଶିକ୍ଷାର ଏଭଳି ପ୍ରଭାବ ପଡ଼ିଲା ଯେ ସେ ସ୍ନାନ କରି ସେହିଠାରେ ହିଁ କଲ୍‌ମାର ସାକ୍ଷ୍ୟ ଦେଇଥିଲେ । ତା'ପରେ ସାଆଦ୍ ଓ ଉସୈଦ୍ ବିନ୍ ଜରାରାଃ ମିଳିତଭାବରେ ନିଜ କବିଲାବାସୀଙ୍କ ନିକଟକୁ ଗଲେ ଏବଂ ସାଆଦ୍ ସେମାନଙ୍କୁ ବିଶେଷ ଆରବୀ ଢ଼ଙ୍ଗୀରେ ପଚାରିଲେ । ହେ ବନୁ ଅବ୍‌ଦେ ଅଶ୍‌ହଲ୍ ତୁମେ ମତେ କିପରି ଦେଖୁଛ ? ସମସ୍ତେ ଏକସ୍ୱର ହୋଇ କହିଲେ, ଆପଣ ଆମର ସର୍ଦ୍ଦାର ଏବଂ ସର୍ଦ୍ଦାରଙ୍କ ସର୍ଦ୍ଦାର ଆପଣଙ୍କ କଥାରେ ଆମକୁ ପୂର୍ଣ୍ଣ ବିଶ୍ୱାସ ରହିଛି । ଏଥିରେ ସାଆଦ୍ କହିଲେ ତେବେ ଯେପର୍ଯ୍ୟନ୍ତ ତୁମେ ଅଲ୍ଲାଃ ଓ ତାଙ୍କ ଅବତାରଙ୍କ ଉପରେ ଆସ୍ଥା ସ୍ଥାପନ କରିନାହଁ, ସେ ପର୍ଯ୍ୟନ୍ତ ମୋ ସହିତ ତୁମର କୌଣସି ସମ୍ପର୍କ ନାହିଁ । ତା'ପରେ ସାଆଦ୍ ତାଙ୍କୁ ଇସ୍‌ଲାମ୍‌ର ନିତିଶିକ୍ଷା ସମ୍ବନ୍ଧରେ ବୁଝାଇଲେ । ସେ କୁହନ୍ତି ସେହି ଦିନର ସୂର୍ଯ୍ୟ ଅସ୍ତଗାମୀ ହୋଇନଥିଲା କି ସମ୍ପୁର୍ଣ୍ଣ ଗୋଷ୍ଠୀ ସମୁହ ମୁସଲମାନ ହୋଇଯାଇଥିଲେ । ଏଥିଅନ୍ତେ ସାଆଦ୍ ଓ ଉସୈଦ୍ ମିଳିତଭାବରେ ନିଜ ଆରାଧ ଦେବାତାମାନଙ୍କ ପ୍ରତିମୂର୍ତୀ ବାହାର କି ଭାଙ୍ଗି ଚୂର୍ଣ୍ଣ କରିଦେଇଥିଲେ ।

ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ କୁହନ୍ତି ନିଃସନ୍ଦେହରେ ସାଆଦ୍ ବିନ୍ ମାଆଜ୍ ଓ ଉସୈଦ୍ ବିନ୍ ହଜିର୍ ବେଶ୍ ଉଚ୍ଚସ୍ତରୀୟ ସାହାବି ଥିଲେ । ବରଂ ସେ ସାଆଦ୍ ତ ମଦିନାର ଅନ୍‌ସାରମାନଙ୍କ ମଧ୍ୟରେ ଏଭଳି ଆସନରେ ଅଧିଷ୍ଠିତ ଥିଲେ ଯେପରି ମୁହାଜିର୍‌ମାନଙ୍କ ମଧ୍ୟରେ ଅବୁବକର ର:ଅଙ୍କର ଥିଲା । ଏହି ଯୁବକ ଜଣକ ଅତ୍ୟନ୍ତ ନିଷ୍ଠାବାନ ବିଶ୍ୱସ୍ତ ଓ ଇସ୍‌ଲାମ୍‌ର ସଂସ୍ଥାପକ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ପାଇଁ ନିଜ ଜୀବନ ଉତ୍ସର୍ଗକାରୀ ମୁସଲମାନ ଥିଲେ । ସେ ନିଜ କବିଲାର ଅଧିପତି ଓ ଅତ୍ୟନ୍ତ ବୁଦ୍ଧିମାନ ବ୍ୟକ୍ତି ଥିଲେ । ତାଙ୍କର ଠିକ୍ ଯୁବ ଅବସ୍ଥାରେ ଅକାଳ ବିୟୋଗ ହୋଇଥିଲା । ହଜୁର ସ:ଆ:ସ ମଧ୍ୟ ଏହା ପରିପ୍ରକାଶ କରିବାରୁ ନିଜକୁ ରୋକିପାରିନଥିଲେ କି ସାଆଦ୍‌ର ନିଧନରେ ରହ୍‌ମାନ୍ ର ପ୍ରସାଦ ମଧ୍ୟ ଅନ୍ଦୋଳିତ ହୋଇଯାଇଛି । ଏହି ଉକ୍ତି ତାଙ୍କ ସତ୍ୟତାର ଜ୍ୱଳନ୍ତ ପ୍ରମାଣ ।

ଓ୍ୱସ୍ ଓ ଖଜ୍‌ରଜ୍ ର ଏଭଳି ତିବ୍ରତାର ସହ ମୁସଲମାନ ହେବା ଯହୁଦୀମାନଙ୍କୁ ଭୟଭୀତ କରିଦେଇଥିଲା ଏବଂ ସେମାନେ ଏହି ଦୃଶ୍ୟ ଅବଲୋକନ କରି ମନେ ମନେ କହୁଥିଲେ, ହେ ପ୍ରଭୁ ଜଣାନାହିଁ ଆଗକୁ କଣ ହେବ । ***ସିରତ୍ ଖାତ୍‌ମୁନ୍ ନବିୟିନ୍......... ପୃ-୨୨୪-୨୨୭) (ଫର୍‌ହଙ୍ଗ ସିରତ୍, ପୃ-୬୦............କରାଚି ୨୦୦୩)***

ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ସିରତ୍ ଖାତ୍‌ମୁନ୍ ନବିଇନ୍‌ରେ ଅଧିକନ୍ତୁ ଉଲ୍ଲେଖ କରିଛନ୍ତି । ମଦିନା ଆସିବାକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ବର୍ତମାନ ଅଧିକ ସମୟ ହୋଇନଥିଲା କି ମକ୍କାର କୁରୈଶ୍‌ମାନଙ୍କ ନିକଟରୁ ଖଜ୍‌ରଜ ସମ୍ପ୍ରଦାୟର ଧର୍ନାଢ଼୍ୟ ବ୍ୟକ୍ତି ଅବ୍‌ଦୁଲ୍ଲାଃ ବିନ୍ ସୁଲୁଲ୍ ଓ ତାହାର ଅବିଶ୍ୱାସକାରୀ ସାଙ୍ଗମାନଙ୍କ ନାଁରେ ମକ୍କାବାସୀଙ୍କ ଆଡୁ ଏକ ସାବଧାନତା ମୁଳକ ପତ୍ର ଅସିଲା ଯେ, ତୁମେମାନେ ମୁହମ୍ମଦ ସ:ଆ:ସଙ୍କୁ ଶରଣ ଦେଇଛ । ତେଣୁ ତାଙ୍କୁ ଶରଣ ଦେବାରୁ ନିବୃତ ରୁହ ଅନ୍ୟଥା ତୁମର କିଛି ଭଲ ହେବନାହିଁ । ସୁତରାଂ ଉକ୍ତ ପତ୍ରଟି ଏପରି ଥିଲା ଯେ, ତୁମେମାନେ ଆମର ଲୋକ ମୁହମ୍ମଦ ସ:ଆ:ସଙ୍କୁ ଶରଣ ଦେଇଛ ଏବଂ ଆମେମାନେ ଭଗବାନଙ୍କର ଶପଥ କରି କହୁଛୁ ଯେ ତୁମେମାନେ ତାହାର ବନ୍ଧୁତ୍ୱକୁ ପରିତ୍ୟାଗ କରି ତା ବିରୁଦ୍ଧରେ ଯୁଦ୍ଧ କର ନଚେତ ତୁମେମାନେ ଅନୁନ୍ୟ


| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ'' *(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)* |
|---|---|

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ଏତିକି କର ଯେ ତାକୁ ନିଜ ସହରରୁ ବାହାର କରିଦିଅ ଅନ୍ୟଥା ଆମେମାନେ ନିଜର ସମସ୍ତ ସୈନ୍ୟଶକ୍ତି ସହିତ ତୁମମାନଙ୍କ ଉପରେ ଆକ୍ରମଣ କରିବୁ ଏବଂ ତୁମର ସମସ୍ତ ପୁରୁଷଙ୍କର ସ୍କନ୍ଦଚ୍ୟୁତ କରିଦେବୁ ଏବଂ ତୁମମାନଙ୍କର ନାରୀମାନଙ୍କୁ ନିଜ ପାଇଁ ବୈଧ୍ୟ କରିନେବୁ ।

ଯେତେବେଳେ ମଦିନାରେ ଉକ୍ତ ପତ୍ରଟି ପହଂଚିଲା ସେତେବେଳେ ଅବ୍ଦୁଲ୍ଲାଃ ଓ ତାହାର ସାଥିମାନେ ଯେଉଁମାନେ କି ପୂର୍ବରୁ ହିଁ ଭିତରେ ଭିତରେ ଇସ୍‌ଲାମ୍‌ର ଘୋର ଶତୃଥିଲେ ଏବଂ ସେମାନଙ୍କ ଅନ୍ତରରେ ହଜୁର ସ:ଆ:ସ ଓ ଇସ୍‌ଲାମ୍ ପ୍ରତି ବୈରାଗ୍ୟ ତଥା ବିଦ୍ୱେଷାଭାବ ରହିଥିଲା ସେମାନେ ହଜୁର ସ:ଆ:ସଙ୍କ ସହିତ ଯୁଦ୍ଧ କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ହଜୁର ସ:ଆ:ସଙ୍କୁ ଯେତେବେଳେ ଉକ୍ତ ସୁଚନା ମିଳିଲା ସେତେବେଳେ ହଜୁର ଶିଘ୍ର ସେହି ଲୋକମାନଙ୍କୁ ସାକ୍ଷାତ କଲେ ଏବଂ ସେମାନଙ୍କୁ ବୁଝାଇଲେ ଅର୍ଥାତ ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍ ଓ ତାହାର ସାଥିମାନଙ୍କୁ କହିଲେ ଯେ ତୁମମାନଙ୍କର ମୋ ସହିତ ଯୁଦ୍ଧ କରିବାଟା କେବଳ ତୁମର ହିଁ କ୍ଷତି ହେବନାହିଁ କାରଣ ତୁମଭାଇମାନେ ତୁମ ବିରୋଧରେ ଛିଡ଼ା ହୋଇଯିବେ ଏହି ଲୋକମାନେ ଯେଉଁମାନେ ମୁସଲମାନ ହୋଇଛନ୍ତି ଏମାନେ ତୁମ ସମ୍ପ୍ରଦାୟର ଲୋକ ଅଟନ୍ତି ତୁମ ସହରର ଲୋକ ଅଟନ୍ତି ଏବଂ ଯେତେବେଳେ ତୁମେମାନେ ଆମ ସହିତ ଯୁଦ୍ଧ କରିବ ସେତେବେଳେ ଏହିମାନେ ହିଁ ମୋ ତରଫରୁ ତୁମ ବିରୋଧରେ ଦଣ୍ଡାୟମାନ ଥିବେ । ଅର୍ଥାତ ଓ୍ୱସ୍ ଓ ଖଜ୍‌ରଜ୍ ସମ୍ପ୍ରଦାୟର ଲୋକମାନେ । ହଜୁର ସ:ଆ:ସ କହିଲେ ସେ ଯାହା ହେଉ ନା କାହିଁକି ତୁମେମାନେ ମତେ ସମର୍ଥନ ଜଣାଇବ ପୁନଶ୍ଚ ହଜୁର କହିଲେ, ମୋ ସହିତ ଯୁଦ୍ଧ କରିବାର ଅର୍ଥ ହେଲା ଯେ ତୁମେମାନେ ନିଜର ପୁତ୍ର ଓ ଭାଇମାନଙ୍କ ସହିତ ତାଙ୍କ ବିରୋଧରେ ଖଡ୍ଗ ଉତୋଳନ କରିବ । ବର୍ତମାନ ତୁମେମାନେ ଚିନ୍ତା କରିନିଅ ତାହା ଠିକ୍ କି ନୁହେଁ । ଅବ୍‌ଦୁଲ୍ଲାଃ ଓ ତାହାର ସାଥିମାନେ ଯେଉଁମାନଙ୍କ ମନରେ ସେତେବେଳ ଯାଏଁ ସୁଦ୍ଧା ବଓ୍ୱାସ୍ ଯୁଦ୍ଧର ବିଭିଷିକା ସ୍ମୃତି ସଚେତ ଥିଲା । ସେମାନେ ପରସ୍ପର ସହିତ ଯୁଦ୍ଧରତ ଥିଲେ ଏବଂ ଉକ୍ତ ଯୁଦ୍ଧ ଯୋଗୁଁ ଅତ୍ୟଧିକ ବିନାଶ ମଧ୍ୟ ଘଟିଥିଲା । ସେମାନେ ଉକ୍ତ କଥାକୁ ବୁଝିନେଲେ ଓ ହୃଦୟଙ୍ଗମ କରି ପରସ୍ପର ମଧ୍ୟରେ ପୁର୍ନବାର ଯୁଦ୍ଧ କରିବାକୁ ଯେପରି ତା'ର ଅବସର ନୁହେଁ ନିଜକୁ ନିବୃତ ରଖିଲେ ଅର୍ଥାତ ତାଙ୍କ ମନରୁ ଏହି ଉଦ୍ଦେଶ୍ୟ ଅପସରି ଗଲା ।

ଯେତେବେଳେ କୁରୈଶ୍‌ମାନେ ନିଜ ଉଦ୍ଦେଶ୍ୟରେ ସଫଳ ନ ହେଲେ ସେତେବେଳେ ସେମାନେ କିଛି ଅବଧି ପରେ ସେହିଭଳି ଆଉ ଏକ ପତ୍ର ମଦିନାର ୟହୁଦିମାନଙ୍କ ନିକଟକୁ ପ୍ରେରଣ କଲେ । ବାସ୍ତବ ପକ୍ଷରେ ଏଥିରୁ ଅବିଶ୍ୱାସକାରୀମାନଙ୍କର ଅଭିପ୍ରାୟ ରହିଥିଲା ଯେ ସେମାନେ ଯେ କୌଣସି ମତେ ଇସ୍‌ଲାମ୍ ଓ ତାହାର ଅସ୍ତିତ୍ୱକୁ ଏହି ପୃଥିବୀରୁ ନିଶ୍ଚିହ୍ନ କରିଦେବେ । ମୁସଲମାନମାନେ ସେମାନଙ୍କର ଅତ୍ୟାଚାରରୁ ଅତିଷ୍ଠ ହୋଇ ହବ୍‌ଶା ଚାଲିଯାଇଥିଲେ । ଯେତେବେଳେ ପ୍ରଥମ ହିଜରତ ହୋଇଥିଲା ସେତେବେଳେ ଅବିଶ୍ୱାସକାରୀମାନେ ସେମାନଙ୍କ ପିଛା କରିଥିଲେ ଓ ସେମାନଙ୍କର ପ୍ରାରମ୍ଭରୁ ହିଁ ଏହି ଚେଷ୍ଟା ରହିଥିଲା କି ସେମାନେ ଉକ୍ତ କଥାରେ ନିଜର ସମସ୍ତ ପ୍ରଚେଷ୍ଟା ଓ ଶକ୍ତି ବିନିଯୋଗ କରିଥିଲେ ଯେ ନଜାଣି ରାଜା ସେହି ପ୍ରତାଡ଼ିତ ଦରିଦ୍ର ଦେଶାନ୍ତରବାସୀଙ୍କୁ ସେମାନଙ୍କ ହସ୍ତାନ୍ତର କରିଦିଅନ୍ତୁ । ପୁନଶ୍ଚ ହଜୁର ସ:ଆ:ସ ଯେତେବେଳେ ମକ୍କାରୁ ହିଜ୍‌ରତ୍ କରି ମଦିନା ଅଭିମୁଖେ ଚାଲିଯାଇଥିଲେ ସେତେବେଳେ କୁରୈଶ୍‌ମାନେ ହଜୁର ସ:ଆ:ସଙ୍କର ମଧ୍ୟ ପିଛା କରିଥିଲେ ଓ ତାଙ୍କୁ ଧରିବା ପାଇଁ କୌଣସି ସୁଯୋଗକୁ ହାତ ଛଡ଼ା କରିନଥିଲେ । ପ୍ରତ୍ୟେକ ମୁହୂର୍ତରେ ସେମାନେ ଚେଷ୍ଟା କଲେ ଯେ, ହଜୁର ସ:ଆ:ସଙ୍କୁ ଓ ଇସ୍‌ଲାମ୍‌କୁ କିଭଳି ଏହି ଧରାପୃଷ୍ଠରୁ ନିପାତ କରିଦିଆଯାଉ ଓ ତାହାର ମୂଳପାଟନ କରିଦିଆଯାଉ । କିନ୍ତୁ ଯେତେବେଳେ ସେମାନଙ୍କୁ ଜ୍ଞାତ ହେଲା ଯେ, ହଜୁର ସ:ଆ:ସ ଓ ଆପଣଙ୍କ ସାହାବାମାନେ ମଦିନାରେ ପହଂଚିଯାଇଛନ୍ତି ଏବଂ ସେଠାରେ ଇସ୍‌ଲାମ୍ ଦ୍ରୁତଗତିରେ ବ୍ୟାପିଅଛି ସେତେବେଳେ ସେମାନେ ସାବଧାନ ମୂଳକ ପତ୍ର ଲେଖି ମଦିନାବାସୀଙ୍କୁ ସାବଧାନ ଓ ସର୍ତକ କରାଇଥିଲେ । ସେମାନେ ମଦିନାବାସୀଙ୍କ ସହିତ ଯୁଦ୍ଧ କରି ଇସ୍‌ଲାମ୍‌କୁ ଧ୍ୱଂସ୍ନ କରିଦେବାପାଇଁ ଚେଷ୍ଟା କରିଦେଇଥିଲେ । ମଦିନାବାସୀଙ୍କ ଶରଣାପନ୍ନରୁ ବାହାର କରିଦେବାପାଇଁ ସେମାନଙ୍କୁ ଆହ୍ୱାନ ଜଣାଇଥିଲେ ।

ହଜ୍‌ରତ୍ ମିର୍ଜା ବଶିର୍ ଅହମଦ ସାହେବ ଉଲ୍ଲେଖ କରିଛନ୍ତି ଯେ, କୁରୈଶ୍‌ମାନଙ୍କର ଉକ୍ତ ପତ୍ରରେ ଉଲ୍ଲେଖ ଥିଲା ଯେ ଆରବର ପ୍ରଥା ଅନୁସାରେ ଆରବୀୟମାନେ ଯୁଦ୍ଧରେ ନିଜ ଶତୃଙ୍କ ଉପରେ ବିଜୟଲାଭ କରିବାପରେ ଶତୃପକ୍ଷର ମହିଳାମାନଙ୍କୁ ନିଜପାଇଁ ବୈଧ୍ୟ କରିନେଉଥିଲେ । ସେହିପରି ମୁସଲମାନମାନଙ୍କ ପ୍ରତି କୁରୈଶ୍‌ମାନଙ୍କର ଏହାଠାରୁ ବି ଭୟାନକ ଉଦ୍ଦେଶ୍ୟ ରହିଥିଲା କାରଣ ଯେତେବେଳେ ଅବିଶ୍ୱାସକାରୀମାନଙ୍କର ଏହିଭଳି ମାନସିକତା ଥିଲା ସେମାନେ ଇସ୍‌ଲାମ୍ ଧର୍ମାଲମ୍ବୀମାନଙ୍କୁ ଶରଣ ଦେଇଥିବା ଲୋକ ଓ ସମ୍ପ୍ରଦାୟକୁ ଶାସ୍ତି ସଦୃଶ ପୁରୁଷମାନଙ୍କୁ ହତ୍ୟା କରି ସେମାନଙ୍କର ମହିଳାମାନଙ୍କୁ ନିଜ ପାଇଁ ବୈଧ୍ୟ କରିନେବା ଉଚିତ ମଣୁଥିଲେ । ଅତଏବ ସେଥିରୁ ଏହା ଅନୁମାନ କରାଯାଇପାରିବ ଯେ, ସେମାନେ ମୁସଲମାନମାନଙ୍କ ପ୍ରତି କ୍ରୁର ଓ କଠୋର ଶାସ୍ତିମୂଳକ ମନୋଭାବ ରଖିଥିବେ । ସେ ଯାହା ହେଉ ନା କାହିଁକି କୁରୈଶ୍‌ମାନଙ୍କର ଉକ୍ତ ପତ୍ର ସେମାନଙ୍କର କୌଣସି ଅସ୍ଥାୟୀ ଆବେଗର ପରିଣତି ନଥିଲା ବରଂ ସର୍ବକାଳୀନ ରୂପେ ସେମାନେ ଏହା ଦୃଢ଼ ସଂକଳ୍ପ କରିନେଇଥିଲେ ଯେ, ସେମାନେ ମୁସଲମାନମାନଙ୍କୁ ଶାନ୍ତିରେ ରହିବାକୁ ଦେବେ ନାହିଁ ଏବଂ ଇସ୍‌ଲାମ୍‌କୁ ପୃଥିବୀରୁ ନିଶ୍ଚିହ୍ନ କରି ବିଶ୍ରାମ ନେବେ ।

ସୁତରାଂ ହଜ୍‌ରତ୍ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ ନିଜ ପୁସ୍ତକରେ ଏକ ଐତିହାସିକ ଘଟଣା ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ଯେଉଁଥିରୁ ମକ୍କାବାସୀଙ୍କ ରକ୍ତପିପାଶୁ ଉଦ୍ଦେଶ୍ୟର ସ୍ପଷ୍ଟ ଆଭାଷ ମିଳିଥାଏ । ଉକ୍ତ ଐତିହାସିକ ଘଟଣାଟି ବୁଖାରୀରେ ଏପରି ବର୍ଣ୍ଣିତ ରହିଛି କି ହିଜରତର କିଛି ବର୍ଷପରେ ସାଆଦ୍ ବିନ୍ ମୁଆଜ୍ ଯିଏ କି ଓ୍ୱସ୍ ସମ୍ପ୍ରଦାୟର ସବୁଠୁ ବଡ଼ ଧର୍ନାଢ଼୍ୟ ବ୍ୟକ୍ତି ଥିଲେ ଏବଂ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇସାରିଥିଲେ ସେ ଉମ୍‌ରା ଉଦ୍ଦେଶ୍ୟରେ ମକ୍କା ଯାଇଥିଲେ ଓ ଅଶିକ୍ଷିତ ଯୁଗରେ ତାଙ୍କର ବନ୍ଧୁ ଉମିୟା ବିନ୍ ଖଲ୍‌ଫଙ୍କ ଘରେ ଅବସ୍ଥାନ କରିଥିଲେ । ସାଆଦ୍ ବିନ୍ ମାଆଜ୍ ଏହା ଜାଣିଥିଲେ ଯେ ଯଦି ସେ ଏକୁଟିଆ ଉମ୍‌ରା କରିବାକୁ ଯିବେ ତେବେ ସେ ଅତ୍ୟାଚାରର ଶିକାର ହେବେ ଏଣୁ ସେ ଉକ୍ତ ଉପଦ୍ରବରୁ ରକ୍ଷାପାଇବା ପାଇଁ ଉମିୟାଙ୍କୁ କହିଲେ ମୁଁ କାବାତୁଲ୍ଲାଃର ପରିକ୍ରମଣ କରିବାକୁ ଚାହୁଁଛି ତୁମେ ଏହିଭଳି ପରିସ୍ଥିତିରେ ମୋ ସହିତ ସାମିଲ ହୋଇ ମୋର ପରିକ୍ରମଣକୁ ପୂର୍ଣ୍ଣ କରିଦିଅ । ଅପରପକ୍ଷରେ ମୁଁ ଉକ୍ତ କାର୍ଯ୍ୟରୁ ଅର୍ଥାତ ବିଶ୍ରାମ ନେଇ ସ୍ୱରାଜକୁ ଫେରିଯିବି । ସୁତରାଂ ଦ୍ୱିପ୍ରହର ସମୟରେ ଯେତେବେଳେ ଲୋକମାନେ ନିଜ ନିଜ ଘରେ ରହିଥିଲେ ସେତେବେଳେ ଉମିୟା ବିନ୍ ଖଲ୍‌ଫ ସାଆଦ୍ ବିନ୍ ମୁଆଜ୍‌ଙ୍କୁ ଧରି କାବା ନିକଟରେ ପହଂଚିଲେ କିନ୍ତୁ ଦୁର୍ଭାଗ୍ୟ ଯେ, ସେତିକିବେଳେ ସେଠାରେ ଅବୁଜହଲ୍ ମଧ୍ୟ ଆବିର୍ଭୁତ ହେଲା ଏବଂ ସାଆଦ୍‌ଙ୍କ ଉପରେ ଯେମିତି ତା'ର ନଜର ପଡ଼ିଛି ସେହି କ୍ଷଣି ତା'ର ଚକ୍ଷୁ ରକ୍ତାକ୍ତ ବର୍ଣ୍ଣ ହୋଇଯାଇଥିଲା । କିନ୍ତୁ ସେ ନିଜର କ୍ରୋଧକୁ ଚାପିଧରି ଉମିୟାଙ୍କୁ ସମ୍ବୋଧନ କରି କହିଲେ ହେ ଅବୁ ସଫଓ୍ୱାନ ! ତୁମ ସହିତ ଏ ବ୍ୟକ୍ତି ଜଣକ କିଏ ? ଉମିୟା ଉତର ଦେଲେ, ସେ ହେଉଛନ୍ତି ସାଆଦ୍ ବିନ୍ ମୁଆଜ୍ ଓ୍ୱସ୍ ସମ୍ପ୍ରଦାୟର ଧର୍ନାଢ଼୍ୟ ବ୍ୟକ୍ତି ପ୍ରତିଉତରରେ ଅବୁଜହଲ୍ ଅତ୍ୟନ୍ତ କ୍ରୋଧନ୍ୱିତ ହୋଇ ସାଆଦ୍‌ଙ୍କୁ ସମ୍ବୋଧନ କଲେ ଯେ କଣ ତୁମେମାନେ ଏହା ଭାବୁଛ ଯେ, ତୁମେମାନେ ନୌଜୁବିଲ୍ଲା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ଶରଣ ଦେବାପରେ ତୁମେମାନେ ଶାନ୍ତିପୂର୍ଣ୍ଣ ଭାବରେ କାବାର ତଓ୍ୱାଫ୍ ଅର୍ଥାତ ପରିକ୍ରମା କରିପାରିବ । ତୁମେମାନେ ମୁହମ୍ମଦ ସ:ଆ:ସଙ୍କୁ ସୁରକ୍ଷା ଓ ତାଙ୍କୁ ସାହାଯ୍ୟ କରିବାର ସାମର୍ଥ୍ୟ ରଖୁଛ । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ବର୍ତମାନ ଯଦି ତୋ ସାଥିରେ ଅବୁ ସଫ୍‌ଓ୍ୱାନ୍ ନଥାନ୍ତା ତେବେ ତୁ ନିଜ ଘରକୁ ଜୀବିତ ଫେରିପାରିନଥାନ୍ତୁ । ସାଆଦ୍ ବିନ୍ ମୁଆଜ୍ ସର୍ବଦା ଉପଦ୍ରବମୂଳକ କାର୍ଯ୍ୟରୁ ନିବୃତ ଓ ଦୁରେଇ ରହୁଥିଲେ କିନ୍ତୁ ତାଙ୍କ ଧମନୀରେ ମଧ୍ୟ ଆଭିଜାତ୍ୟର ରକ୍ତ ପ୍ରଭାହିତ ହେଉଥିଲା । ତାଙ୍କ ହୃଦୟରେ ବିଶ୍ୱାସୀୟ ଉନ୍ମାଦନା ସ୍ଫୁଲିଙ୍ଗ ହେଉଥିଲା । ସେ ଜର୍ଜରିତ ହୋଇ ଭୟଙ୍କର ସ୍ୱରରେ କହିଉଠିଲେ ମୁଁ ଅଲ୍ଲାଃଙ୍କର ଶପଥ କରି କହୁଛି ଯଦି ତୁମେମାନେ ଆମମାନଙ୍କୁ କାବାର ତଓ୍ୱାଫ୍ କରିବାକୁ ଅଟକାଅ ତେବେ ମନେରଖ ତୁମମାନଙ୍କୁ ସିରିୟା ଗମନ କରିବା ପଥରେ ନିରାପତା ମିଳିବ ନାହିଁ । ଆମେମାନେ ମଧ୍ୟ ଉକ୍ତ ମାର୍ଗରେ ବସିରହିବୁ ଏବଂ ତୁମ ବିରୁଦ୍ଧରେ ବହୁତ କିଛି କରିପାରିବୁ । ଉମିୟା ବିନ୍ ଖଲ୍‌ଫ ମଧ୍ୟ ଯେତେବେଳେ ସାଆଦ୍ ବିନ୍ ମୁଆଜ୍‌ଙ୍କର ଏହି ବିସ୍ଫୋରକମୂଳକ ଉତର ଶୁଣିଲା, ସେତେବେଳେ ସେ କହିଲା ଦେଖ ସାଆଦ୍ ଅବୁ ହକମ୍ ମକ୍କା ଅଧିବାସୀଙ୍କର ଦଳପତି ତୁମେମାନେ ତାଙ୍କ ସମ୍ମୁଖରେ ଓ ତାଙ୍କ ବିରୁଦ୍ଧରେ ଏପରି ସ୍ୱର ଉତଳନ କରନାହିଁ । ସାଆଦ୍ ବିନ୍ ମୁଆଜ୍ ଉମିୟାର କଥା ଶୁଣି ତାଙ୍କୁ ମଧ୍ୟ କ୍ରୋଧରେ ଉତର ଦେଲେ ଛାଡ଼ ଉମିୟା ତୁମେ ଏହି କଥାରେ ପଡ଼ନାହିଁ ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ଯେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କର ଭବିଷ୍ୟବାଣୀ ଭୁଲିନାହିଁ ଯେ ହଜୁର ସ:ଆ:ସ କହିଥିଲେ ତୁମର କେଉଁଦିନ ନିଶ୍ଚୟ ମୁସଲମାନମାନଙ୍କ ହାତରେ ବନ୍ଧ ହେବ । ଉକ୍ତ ସମ୍ବାଦଟି ଶୁଣିବାମାତ୍ରେ ଉମିୟା ବିନ୍ ଖଲ୍‌ଫ ବ୍ୟତିବ୍ୟସ୍ତ ହୋଇପଡ଼ିଲା ଏବଂ ନିଜ ଘରକୁ ଯାଇ ନିଜ ସ୍ତ୍ରୀଙ୍କୁ ସାଆଦଙ୍କ ଉକ୍ତ ଖବର ସମ୍ପର୍କରେ ଅବଗତ କରାଇଲା ଏବଂ କହିଲା ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ ବର୍ତମାନ ମୁଁ ଆଉ ମୁସଲମାନମାନଙ୍କ ବିରୁଦ୍ଧରେ ମକ୍କାରୁ ବାହାରିବିନି । ତା'ର ଆଁ ହଜ୍‌ତର୍

### ଅଲ୍ଲା ତାଲାଙ୍କ ବାଣୀ

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

ସ:ଆ:ସଙ୍କ କଥା ଉପରେ ଏଭଳି ବିଶ୍ୱାସ ଥିଲା ଯେ ଯେଉଁକଥା ହଜୁର କହିଛନ୍ତି ତାହା ନିଶ୍ଚିତ ପୁରଣ ହେବ । କିନ୍ତୁ ଭାଗ୍ୟଲେଖାକୁ ପୂର୍ଣ୍ଣ ହେବାର ଥିଲା । ବଦର ଯୁଦ୍ଧ ଅବସରରେ ଉମିୟାଙ୍କୁ ମକ୍କାରୁ ବାଧ୍ୟ ହୋଇ ବାହାରିବାକୁ ପଡ଼ିଥିଲା ଏବଂ ସେ ବଦର ଯୁଦ୍ଧରେ ହିଁ ମୁସଲମାନମାନଙ୍କ ଦ୍ୱାରା ନିହତ ହୋଇ ନିଜର ଶେଷ ପରିଣତିକୁ ପୂର୍ଣ୍ଣିତ ହୋଇଥିଲେ । ଏହି ଉମିୟା ହେଉଛନ୍ତି ସେହି ବ୍ୟକ୍ତି ଯେ ହଜ୍ରତ୍ ବିଲାଲ୍ ର:ଅଙ୍କ ଇସ୍ଲାମ୍ ଧର୍ମ ଗ୍ରହଣ କରିବାଯୋଗୁଁ ତାଙ୍କୁ ନାନାପ୍ରକାର ନିର୍ଯ୍ୟାତନା ଦେଉଥିଲେ । ***(ସିରତ୍ ଖାତ୍ମୁନ୍ ନବିୟିନ୍....... ପୃ-୨୮୦-୨୮୨)***

ସହି ବୁଖାରୀରେ ଏକ ବର୍ଣ୍ଣନା ଏଭଳି ଦରଜ ରହିଛି ଯେ, ହଜ୍ରତ୍ ଅବ୍ଦୁଲ୍ଲାଃ ଇବ୍ନେ ମସ୍ଉଦ୍ ବର୍ଣ୍ଣନା କରନ୍ତି, ହଜ୍ରତ୍ ସାଆଦ୍ ବିନ୍ ମୁଆଜ୍ ଉମ୍ରା କରିବା ଉଦ୍ଦେଶ୍ୟରେ ମକ୍କା ଯାଇଥିଲେ । ସେ ଉମେୟା ବିନ୍ ଖଲଫ୍ ଏବଂ ଅବୁ ସଫ୍ୱାନ୍ଙ୍କ ଅତିଥି ହୋଇଥିଲେ କାରଣ ସେ ତାଙ୍କର ପୁରୁଣା ପରିଚିତ ବନ୍ଧୁ ଥିଲେ । ଉମିୟା ମଦିନାକୁ ଆସି ହଜରତ୍ ସାଆଦ୍ ର:ଅଙ୍କ ପାଖରେ ରହୁଥିଲେ ଏବଂ ଯେତେବେଳେ ହଜ୍ରତ୍ ସାଆଦ୍ ଉମ୍ରା କରିବାପାଇଁ ଇଚ୍ଛା ପ୍ରକାଶ କଲେ ସେତେବେଳେ ସେ ଏହା ହିଁ ଭାବିଥିଲେ ଯେ, ମୁଁ ଉମିୟା ପାଖରେ ରହିବି ଏବଂ ଶାନ୍ତିପୂର୍ଣ୍ଣଭାବରେ ଉମ୍ରା କରିନେବି । ଉମିୟାର ଏହି ଅଭ୍ୟାସ ଥିଲା ଯେ ଯେତେବେଳେ ସେ ସିରିୟା ଆଡ଼କୁ ଯାଉଥିଲେ ସେତେବେଳେ ସେ ମଦିନା ଦେଇ ଯାଉଥିଲେ ଏବଂ ସାଆଦ୍ଙ୍କ ନିକଟରେ ଅଟକି ରହୁଥିଲେ ବା ଅବସ୍ଥାନ କରୁଥିଲେ କିଛିଦିନ । ଉମିୟା ସହିତ ସାଆଦ୍ ର:ଅଙ୍କ ପୁରୁଣା ଓ ଘନିଷ୍ଠ ବନ୍ଧୁତ୍ୱ ରହିଥିଲା ତେଣୁ ହଜ୍ରତ୍ ସାଆଦ୍ ର:ଅ ଯେତେବେଳେ ଉମିୟାଙ୍କୁ କହିଲେ ଯେ, ମୁଁ ଉମ୍ରା କରିବାକୁ ଚାହୁଁଛି ସେତେବେଳେ ଉମିୟା କହିଲା କି ବର୍ତ୍ତମାନ ଅପେକ୍ଷା କର ଦ୍ୱିପ୍ରହରେ ଯେତେବେଳେ ଲୋକମାନେ ଅସାବଧାନ ହୋଇଯିବେ ସେତେବେଳେ ତୁମେଯାଇ ତଓ୍ୱାଫ୍ କରିନେବ । ବର୍ଣ୍ଣନାକାରୀ କୁହନ୍ତି ଯେ ଯେତେବେଳେ ହଜ୍ରତ୍ ସାଆଦ୍ ପ୍ରଦକ୍ଷଣ କରୁଥିଲେ ସେତେବେଳେ ଅବୁଜହଲ୍ ସାଆଦ୍ ର:ଅଙ୍କୁ ଦେଖିଲା ଏବଂ କହିଲା ତୁମେ କିଏ ଯିଏ କି କାବାର ପ୍ରଦକ୍ଷଣ କରୁଛ ? ପ୍ରତ୍ୟୁତରରେ ହଜ୍ରତ୍ ସାଆଦ୍ ର:ଅ କହିଲେ ମୁଁ ସାଆଦ୍, ଅବୁଜହଲ୍ କହିଲା ତୁମେ ଖାନାକାବାର ପ୍ରଦକ୍ଷର କିପରି କରୁଛ ? ଗୋଟିଏ ପଟେ ତୁମେ ମୁହମ୍ମଦ ସ:ଆ:ସ ଓ ତାଙ୍କ ସାଥିମାନଙ୍କୁ ଶରଣ ଦେଇଛ । ହଜ୍ରତ୍ ସାଆଦ୍ ର:ଅ କହିଲେ ହିଁ ଆମେ ହଜୁରଙ୍କୁ ଶରଣ ଦେଇଛୁ । ବର୍ଣ୍ଣନାକାରୀ କୁହନ୍ତି ତେବେ ଉଭୟ ଦୁହିଁଙ୍କୁ ଗାଳିଗୁଲଜ କଲେ, ଉମିୟା ହଜ୍ରତ୍ ସାଆଦ୍ ର:ଅଙ୍କୁ କହିଲେ, ଅବୁଜହଲ୍ ଆଗରେ ସ୍ୱର ଉଚ୍ଚ କରନାହିଁ କାରଣ ସେ ଉପତ୍ୟକାବାସୀଙ୍କର ଦଳପତି । ହଜ୍ରତ୍ ସାଆଦ୍ ର:ଅ ଅବୁଜହଲଙ୍କୁ କହିଲା ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯଦି ତୁମେମତେ ଅଲ୍ଲାଃ ତାଲାଙ୍କ ଘରରୁ ପ୍ରଦକ୍ଷଣ କରିବାର ଅଟକାଅ ତେବେ ମୁଁ ମଧ୍ୟ ସିରିୟାରେ ତୁମ ବାଣିଜ୍ୟ ବ୍ୟବସାୟ ବନ୍ଦ କରିଦେବି । ହଜରତ୍ ଅବ୍ଦୁଲ୍ଲାଃ ବିନ୍ ମସ୍ଉଦ୍ ର:ଅ କୁହନ୍ତି ଯେ ଉମିୟା ହଜ୍ରତ୍ ସାଆଦ୍ ର:ଅଙ୍କ ଉକ୍ତ କଥା ଶୁଣି କହିଲା ନିଜ ସ୍ୱରକୁ ଉଚ୍ଚ କରନାହିଁ ତାଙ୍କୁ ଅଟକାଇଥିଲା । ହଜ୍ରତ୍ ସାଆଦ୍ ର:ଅ କ୍ରୋଧରେ ଆସି ଉମିୟାଙ୍କୁ କହିବାକୁ ଲାଗିଲେ ମତେ କହିବାକୁ ଦିଅ କାରଣ ହଜୁର ସ:ଆ:ସ କହିଥିଲେ ଏହି ବ୍ୟକ୍ତି ଅର୍ଥାତ ଅବୁଜହଲ୍ ହିଁ ତୁମ ହତ୍ୟାର କାରଣ ସାଜିବ । ଉକ୍ତ କଥା ଶୁଣି ଉମିୟା କହିଲା ଯେ, ମୁହମ୍ମଦ ସ:ଆ:ସ ଯଦି ଉକ୍ତ କଥା କହିଛନ୍ତି ତେବେ ତାହା ମିଛ ନୁହେଁ ତାହା ନିଶ୍ଚିତ ପୂରଣ ହେବ । ପରିଶେଷରେ ସେ ନିଜ ସ୍ତ୍ରୀ ନିକଟକୁ ଆସିଲେ ଏବଂ କହିଲେ କଣ ତୁମେ ଜାଣ ମୋର ଜଣେ ୟସରବିୟ ଭାଇ ମତେ କହିଲା ଯେ, ମୁହମ୍ମଦ ସ:ଆ:ସ କହିଛନ୍ତି ଅବୁଜହଲ୍ କୁଆଡ଼େ ମୋ ହତ୍ୟାର କାରଣ ସାଜିବ । ଉମିୟାର ସ୍ତ୍ରୀ କହିଲା ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ଯେ ମୁହମ୍ମଦ ତ' ମିଛ କୁହନ୍ତି ନାହିଁ । ହଜରତ୍ ଇବ୍ନେ ମସ୍ଉଦ୍ ର:ଅ କୁହନ୍ତି ଯେ, ଯେତେବେଳେ ସେ ବଦର ଅଭିମୁଖେ ବାହାରିଲେ ଓ ସାହାଯ୍ୟ ପାଇଁ ଉମିୟାଙ୍କୁ ଡ଼ାକାଗଲା ସେତେବେଳେ ଉମିୟାର ସ୍ତ୍ରୀ ତାଙ୍କୁ ହଜୁର ସ:ଆ:ସଙ୍କ କଥା ସ୍ମରଣ କରାଇଥିଲେ । ସୁତରାଂ ଯେତେବେଳେ ଉମିୟା ଅନିଚ୍ଛା ସତ୍ୱେ ବଦର ଅଭିମୁଖେ ବାହାରିବାକୁ ପଡ଼ିଥିଲା ସେତେବେଳେ ଅବୁଜହଲ୍ ତାଙ୍କୁ କହିଲା ଯେ, ତୁମେ ଉପତ୍ୟକାର ଧର୍ନାଢ଼୍ୟ ବ୍ୟକ୍ତି ମଧ୍ୟରୁ ଜଣେ । ତେବେ ଦୁଇଦିନ ପାଇଁ ମୋ ସହିତ ଚାଲ ଅତଏବ ଉମିୟା ଅବୁଜହଲ୍ ସହିତ ବାହାରିପଡ଼ିଥିଲା ଏବଂ ଆଁ ହଜରତ ସ:ଆ:ସଙ୍କ ଭବିଷ୍ୟବାଣୀ ଓ ଅଲ୍ଲାଃ ତାଲାଙ୍କ ଭାଗ୍ୟଲିଖନ ଅନୁଯାୟୀ ସେ ବଦର ଯୁଦ୍ଧରେ ନିହତ ହୋଇଥିଲା ।

***(ସହୀ ବୁଖାରୀ...... ହଦିସ୍ ୩୬୩୨)***

ଉମିୟା ବିନ୍ ଖଲ୍ଫର ବଦର ଯୁଦ୍ଧରେ ସାମିଲ ହେବା ଏବଂ ନିହତ ହେବା ସମ୍ପର୍କରେ ଅନ୍ୟ ଏକ ବର୍ଣ୍ଣନାରେ ଏପରି ଦରଜ ରହିଛି ଯେ, ହଜ୍ରତ୍ ସାଆଦ୍ ର:ଅ କହିଲେ ଉମିୟା ମୁଁ ଈଶ୍ୱରଙ୍କ ଶପଥ କରି କହୁଛି । ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏହା କହୁଥିବାର ଶୁଣିଥିଲି ଯେ, ସାହାବାମାନେ ତୁମର ବଦ୍ଧ କରିବେ । ଉମିୟା ପଚାରିଲେ ଯେ ମକ୍କାରେ ବଦ୍ଧ କରିବେ ? ହଜ୍ରତ୍ ସାଆଦ୍ ର:ଅ କହିଲେ ମୁଁ ଜାଣିନାହିଁ କେଉଁଠାରେ ତୁମର ବଦ୍ଧ କରିବେ । ହଜ୍ରତ୍ ସାଆଦ୍ ର:ଅଙ୍କର ଉକ୍ତ କଥା ଶୁଣି ସେ ବହୁତ ଭୟଭୀତ ହୋଇଯାଇଥିଲେ । ଯେତେବେଳେ ଉମିୟା ନିଜ ଘରକୁ ଗଲେ ଏବଂ ନିଜ ସ୍ତ୍ରୀ ଉମ୍ମେ ସଫିୟାଙ୍କୁ ଉକ୍ତ କଥା ସମ୍ପର୍କରେ ଅବଗତ କରାଇଥିଲେ, କହିବାକୁ ଲାଗିଲେ ଯେ, ହେ ଉମ୍ମେ ସଫୱାନ୍ ତୁମେ ସାଆଦ୍ର କଥା ଶୁଣିଲ ଯାହା ସେ ମୋ ସମ୍ପର୍କରେ କହିଲେ, ତାଙ୍କ ସ୍ତ୍ରୀ କହିଲେ ସାଆଦ୍ କଣ କହୁଛନ୍ତି ? ପ୍ରତ୍ୟୁତରରେ ଉମିୟା କହିଲା ଯେ, ହଜ୍ରତ୍ ସାଆଦ୍ ର:ଅ କହୁଛନ୍ତି ମୁହମ୍ମଦ ସ:ଆ:ସ ତାଙ୍କୁ କହିଛନ୍ତି କି ସେମାନେ କୁଆଡ଼େ ମତେ ମାରିଦେବେ, ମୁଁ ପଚାରିଲି କେଉଁଠି ମକ୍କାରେ, ତେବେ ସାଆଦ୍ କହିଲେ ଏକଥା ମତେ ଜଣାନାହିଁ । ପୁନଶ୍ଚ ଉମିୟା କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ମକ୍କାରୁ ବାହାରିବି ନାହିଁ । ସେ ଏତେ ଭୟଭିତ ହୋଇଯାଇଥିଲେ ଯେ, ଯେତେବେଳେ ବଦର ଯୁଦ୍ଧ ହେଲା ସେତେବେଳେ ଅବୁଜହଲ୍ ଲୋକମାନଙ୍କୁ ଧରି ଯୁଦ୍ଧ ନିମନ୍ତେ ବାହାରିବାକୁ କହିଲେ ଏବଂ ସେ ଉମିୟାଙ୍କୁ ମଧ୍ୟ କହିଲା ଯେ, ନିଜ ଜାତିସମୂହକୁ ରକ୍ଷା କରିବାପାଇଁ ଯୁଦ୍ଧ ଭୂମିରେ ପହଂଚ । ଉମିୟା ଯୁଦ୍ଧ ପାଇଁ ବାହାରିବାକୁ ଅନିଚ୍ଛା ପ୍ରକାଶ କରିଥିଲା । ଅବୁଜହଲ୍ ନିଜର ବାର୍ତାବହଙ୍କୁ ପ୍ରେରଣ କଲା କିନ୍ତୁ ଉମିୟା ଯିବାକୁ ମନା କରିଦେଇଥିଲେ । ସେତେବେଳେ ଅବୁଜହଲ୍ ସ୍ୱୟମ ଉମିୟା ନିକଟକୁ ଆସି କହିଲେ ଯେ, ହେ ଅବୁ ସୁଫିଓ୍ୱାନ୍ ! ଯେତେବେଳେ ଲୋକମାନେ ଏହା ଦେଖିବେ ଯେ, ଉପତ୍ୟାକା ବାସୀଙ୍କର ଧର୍ନାଢ଼୍ୟ ଦଳପତି ପଛରେ ରହିଯାଇଛନ୍ତି ସେତେବେଳେ ସେମାନେ ମଧ୍ୟ ପଛରେ ରହିଯିବେ । ଅବୁଜହଲ୍ର ବହୁ ବୁଝାସୁଝା କରିବାପରେ ପରିଶେଷରେ ଉମିୟା ଯୁଦ୍ଧ ପାଇଁ ବାହାରିବାକୁ ରାଜି ହୋଇଥିଲେ କିନ୍ତୁ ଏକଥା କହିଥିଲେ ଯେ, ମୁଁ ମକ୍କାରୁ ଗୋଟିଏ ଏଭଳି ଓଟଟିଏ କିଣିବି ଯେ କି ସର୍ବୋତ୍କୃଷ୍ଟ ହୋଇଥିବ । ଏହାପରେ ଉମିୟା ନିଜ ସ୍ତ୍ରୀକୁ କହିଲା ଉମ୍ମେ ସଫ୍ୱାନ୍ ମୋ ପାଇଁ ଯାତ୍ରା ନିମନ୍ତେ ଜିନିଷପତ୍ର ପ୍ରସ୍ତୁତ କର । ତେବେ ତାହାର ସ୍ତ୍ରୀ ତାଙ୍କୁ କହିଲା ତୁମେ ସେହି କଥାକୁ ପାଶୋରି ଯାଇଛ ଯାହା ତୁମର ଜଣେ ୟସ୍ରବିୟ ଭାଇ ତୁମକୁ କହିଥିଲା ଯେ ତୁମେ ଅବୁଜହଲ୍ ଯୋଗୁଁ ମୁହମ୍ମଦ ସ:ଆ:ସଙ୍କ ସାହାବାମାନଙ୍କ ଦ୍ୱାରା ନୀହତ ହେବ । ଉମିୟା କହିଲା ନା ମୁଁ ଭୁଲିନାହିଁ ମୁଁ ତାଙ୍କ ସହିତ କିଛି ଦୁର ପର୍ଯ୍ୟନ୍ତ ଯିବାକୁ ଚାହୁଁଛି ପୁଣି ସେଠାରୁ ମକ୍କା ଫେରି ଆସିବି । ଶେଷ ପର୍ଯ୍ୟନ୍ତ ତାଙ୍କ ସହିତ ଯିବିନାହିଁ । ଯେତେବେଳେ ଉମିୟା ବାହାରିଲା ସେତେବେଳେ ଯେଉଁ ସ୍ଥାନରେ ବି ସେ ଅବତରଣ କଲା ସେଠାରେ ସେ ନିଜ ଓଟର ଆଣ୍ଠୁ ବାନ୍ଧି ଦେଉଥିଲା ସେ ଏହିପରି ସର୍ତକତା ଅବଲମ୍ବନ କରିଚାଲିଥିଲା ଏପରିକି ମହାପ୍ରଭୁ ପରମେଶ୍ୱର ବଦର ଯୁଦ୍ଧରେ ତା'ର ସର୍ବନାଶ କରିଦେଲେ । ***(ସହୀ ବୁଖାରୀ.......... ହଦିସ୍ ୩୯୫୦)***

ଉକ୍ତ ବଦ୍ଧ ର ଘଟଣା ପୂର୍ବେ ମଧ୍ୟ ଏକ ସ୍ଥାନରେ ଆଲୋଚନା ହୋଇସାରିଛି ଏବଂ ହଜ୍ରତ୍ ଅବ୍ଦୁର ରହ୍ମାନ୍ ବିନ୍ ଅଓଫ୍ଙ୍କର ଚର୍ଚ୍ଚାରେ ଗତ ଖୁତ୍ବାରେ ମଧ୍ୟ ବର୍ଣ୍ଣିତ ହୋଇଥିଲା । ଯେତେବେଳେ ହଜ୍ରତ୍ ବିଲାଲ୍ ର:ଅ ଇସ୍ଲାମ୍ ଧର୍ମ ଗ୍ରହଣ କରିଥିଲେ ସେତେବେଳେ ଉମିୟା ତାଙ୍କୁ ନିର୍ଯ୍ୟାତନା ଦେଉଥିଲା । ତେଣୁ ଉକ୍ତ ନିଯ୍ୟାତନା ଯୋଗୁଁ ଉକ୍ତ ବଦର ଯୁଦ୍ଧରେ ହଜ୍ରତ୍ ବିଲାଲ୍ ର:ଅ ଉମିୟାଙ୍କୁ ବଦ୍ଧ କରିଥିଲେ ।

ହଜ୍ରତ୍ ମୁସ୍ଲେହ ମଉଦ ର:ଅ କୁହନ୍ତି ମଦିନାର ଜଣେ ଧର୍ନାଢ଼୍ୟ ବ୍ୟକ୍ତି ସାଆଦ୍ ବିନ୍ ର:ଅ ଯିଏ କି ଓ୍ୱସ୍ ସମ୍ପ୍ରଦାୟର ସର୍ଦ୍ଦାର ଥିଲେ । ସେ ଖାନାକାବାର ପ୍ରଦକ୍ଷଣ ପାଇଁ ମକ୍କା ଗଲେ ତେବେ ଅବୁଜହଲ୍ ତାଙ୍କୁ ଦେଖି କ୍ରୋଧରେ କହିଲା କଣ ତୁମେମାନେ ଭାବୁଛ ଯେ, ତୁମେମାନେ ଏହି ଧର୍ମଭ୍ରଷ୍ଟ ମୁହମ୍ମଦ ସ:ଆ:ସଙ୍କୁ ଶରଣ ଦେବାପରେ ଶାନ୍ତିପୂର୍ଣ୍ଣ ଭାବରେ କାବାର ପ୍ରଦକ୍ଷଣ କରିପାରିବ ? ଏବଂ ତୁମେମାନେ ଏହା ଭାବୁଛ ଯେ, ତୁମେମାନେ ତାଙ୍କୁ ସୁରକ୍ଷା ପ୍ରଦାନ କରିପାରିବ ଏବଂ ଏହାର ତୁମେ ସାମର୍ଥ୍ୟ ବହନ କରୁଛ ? ମୁଁ ଈଶ୍ୱରଙ୍କ ଶପଥ କରୁଛି ଯେ ବର୍ତ୍ତମାନ ଯଦି ତୁମ ସହିତ ଅବୁ ସୁଫିଓ୍ୱାନ୍ ନଥାନ୍ତେ ତାହେଲେ ତୁମେ ନିଜ ଘରକୁ ଜୀବିତ ଯାଇପାରିନଥାନ୍ତ । ସାଆଦ୍ ବିନ୍ ମୁଆଜ୍ କହିଲେ ମୁଁ ଅଲ୍ଲାଃ ତାଲାଙ୍କର ଶପଥ କରି କହୁଛି ଯଦି ତୁମେ ଆମମାନଙ୍କୁ କାବାର ପ୍ରଦକ୍ଷଣ କରିବାକୁ ଅଟକାଅ ତେବେ ତୁମେ ମନେରଖ ଯେ ତୁମେ ମଧ୍ୟ ସିରିୟା ମାର୍ଗରେ ଶାନ୍ତିପୂର୍ଣ୍ଣ ଭାବରେ ଯାତାୟାତ କରିପାରିବ ନାହିଁ । ***(ଦିବାୟା ତଫ୍ସିରୁଲ୍ କୁର୍ଆନ୍ , ଅନଓ୍ୱାରୁଲ୍ ଉଲୁମ୍ ଖଣ୍ଡ-୨୦, ପଅ-୨୩୫-୨୩୬)***

ହଜ୍ରତ୍ ସାଆଦ୍ ବିନ୍ ମୁଆଜ୍ ବଦର ଯୁଦ୍ଧ, ଓ୍ୱହଦ୍ ଯୁଦ୍ଧ ଓ ଖନ୍ଦକ ଯୁଦ୍ଧରେ ହଜୁର ସ:ଆ:ସଙ୍କ ସହିତ ସାମିଲ ଥିଲେ । ବଦର ଯୁଦ୍ଧ ଦିନ ଓ୍ୱସ୍ ସମ୍ପ୍ରାଦୟର ଧ୍ୱଜା ହଜ୍ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ପାଖରେ ଥିଲା । ***(ତବକାତୁଲ୍ କୁବ୍ରା.........ଖଣ୍ଡ-୩, ପୃ-୩୨୧-୩୨୨............ ବେରୁତ ୧୯୯୦)***

ବଦର୍ ଯୁଦ୍ଧ ଅବସରରେ ହଜ୍ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅଙ୍କ ଉତ୍ସାହ, ଆବେଗ ତଥା ହଜୁର ସ:ଆ:ସଙ୍କ ପ୍ରତି ପ୍ରେମ ଓ ଉତ୍ସର୍ଗୀକୃତ ଭାବବେଗର ପରିପ୍ରକାଶ ଉପରକ୍ତ ଘଟଣାରୁ ଉନ୍ମୁକ୍ତ ହୋଇଥାଏ । ହଜୁର ସ:ଆ:ସଙ୍କୁ ହଜ୍ରତ୍ ସାଆଦ୍ ବିନ୍ ମୁଆଜ୍ ର:ଅ ଯେଉଁ କଥା କହିଥିଲେ ଯେ, ଅର୍ଥାତ ଯେଉଁ ରାୟ ଦେଇଥିଲେ । ସୁତରାଂ ଉପରୋକ୍ତ ଘଟଣାର ବୃତାନ୍ତ ହଜ୍ରତ୍ ମିର୍ଜା ବଶିର୍ ଅହ୍ମଦ୍ ସାହେବ୍ ସିରତ୍ ଖାତ୍ମୁନ୍ ନବିଇନ୍ରେ ଏହିପରି ଭାବରେ ଆଲୋଚନା କରିଛନ୍ତି । ଯେତେବେଳେ ମୁସଲମାନମାନେ ସଫ୍ରା ନାମକ ଉପତ୍ୟାକା । ସଫ୍ରା ହେଉଛି ବଦର ଓ ମଦିନା ମଧ୍ୟବର୍ତ୍ତୀ ଏକ ଉପତ୍ୟାକା ଯେଉଁଠି ହଜୁର ସ:ଆ:ସ ବଦର୍ ଯୁଦ୍ଧ ପ୍ରାପ୍ତ ହୋଇଥିବା ସମସ୍ତ ଧନରତ୍ନ ମୁସଲମାନମାନଙ୍କ ମଧ୍ୟରେ ସମରୂପେ

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......

ମାନୁନାହାନ୍ତି ସେମାନଙ୍କର ମଧ୍ୟ ପାଳନ କରିଥାଏ । ଇସ୍‌ଲାମ୍ ମୁସଲମାନମାନଙ୍କୁ ଏ ଶିକ୍ଷା ଦେଇଛି ଯେ, ସେମାନେ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବିନିଯୋଗ କରି ଅଲ୍ଲାଃ ତାଲାଙ୍କ ବିଶେଷଗୁଣକୁ ଆପଣାନ୍ତୁ । ସେଥିଯୋଗୁଁ ରସୁଲେ କରିମ୍ ସ:ଆ:ସ ନିଜ ଅନୁଗାମୀମାନଙ୍କୁ ବହୁବାର ଏକଥା କହିଛନ୍ତି ଯେ, ସେମାନେ ନମ୍ର ହୁଅନ୍ତୁ ଜଣେ ଅନ୍ୟଜଣକର ଧ୍ୟାନ ରଖୁ ଏବଂ ଜଣେ ଅନ୍ୟଜଣକ ଉପରେ ଶାନ୍ତି ପ୍ରେରଣ କରୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଗୋଟିଏ ସ୍ୱର୍ଣ୍ଣିମ ସିଦ୍ଧାନ୍ତ ଉପନୀତ କରିଛନ୍ତି ଯେ, ଜଣେ ବାସ୍ତବିକ ମୁସଲମାନକୁ ଦରକାର ଯେ, ସେ ଅନ୍ୟମାନଙ୍କ ପାଇଁ ତାହା ପସନ୍ଦ କରୁ ଯାହାକୁ ସେ ନିଜ ପାଇଁ ପସନ୍ଦ କରୁଅଛି । ଏହି ସରଳ ଏବଂ ଅତ୍ୟନ୍ତ ଗଭୀର ଦୃଷ୍ଟିକୋଣ ଉପରେ କେବଳ ମୁସଲମାନ ହିଁ ନୁହନ୍ତି ବରଂ ଯଦି ଅନ୍ୟମାନେ ମଧ୍ୟ ପରିଚାଳିତ ହେବେ ତେବେ ତାହା ସମାଜ ପାଇଁ ସ୍ଥାୟୀ ଶାନ୍ତିର ମାଧ୍ୟମ ପ୍ରମାଣିତ ହେବ । ଏଥିରେ କୌଣସି ସନ୍ଦେହ ନାଇ ଯେ, ପ୍ରତ୍ୟେକ ବ୍ୟକ୍ତି ନିଜ ପାଇଁ ଓ ନିଜ ଆତ୍ମୀୟ ସ୍ୱଜନ ପାଇଁ ଶାନ୍ତି କାମନା କରିଥାଏ କିନ୍ତୁ ଯଦି ଲୋକମାନେ ଏ ଦାବି କରନ୍ତି ଯେ, ସେମାନେ ନିଜ ବିରୋଧିମାନଙ୍କ ପାଇଁ ଶତ୍ରୁମାନଙ୍କ ପାଇଁ ଏ ମନସ୍କାମାନ ପୋଷଣ କରନ୍ତି ଯେ, ସେମାନେ ଶାନ୍ତିରେ ଜୀବନଯାପନ କରନ୍ତୁ । ଯେବେ କି ଅଧିକାଂଶ ସେମାନଙ୍କ ମଧ୍ୟରୁ ମିଛ କହୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅତଏବ ଏହା ହେଉଛି ଭଦ୍ରାମିର ସେହି ସ୍ତର ଓ ଖୋଲା ହୃଦୟର ଆତ୍ମା ଯାହା ଇସ୍‌ଲାମ୍ ଚାହୁଁଅଛି । ଇସଲାମ ହେଉଛି ଗୋଟିଏ ଏପରି ଧର୍ମ ଓ ଶିକ୍ଷା ଯାହା ନିସ୍ୱାର୍ଥପର ମନୋଭାବକୁ ବଢ଼ାଇଥାଏ ଓ ମାନବଜାତିକୁ ପ୍ରତ୍ୟେକ ପ୍ରକାରର ସ୍ୱାର୍ଥକୁ ତ୍ୟାଗ କରିବାପାଇଁ ଜୋର୍ ଦେଇଥାଏ । ଇସ୍‌ଲାମ୍‌ର ଅବତାର ସ:ଆ:ସ ଏହି ସିଦ୍ଧାନ୍ତକୁ ବର୍ଣ୍ଣନା କରିଛନ୍ତି ଯେ, ମନୁଷ୍ୟକୁ ଉଚିତ ଯେ, ତା'ର ହୃଦୟ ବିଶାଳ ହେଉ ଓ ତାହାର ନିୟତରେ କୌଣସି ସମସ୍ୟା ନଥିବ । ନିଜ ପାଇଁ ସମସ୍ତ ଶୁଭାକାମନ କରିବା ପରିବର୍ତ୍ତେ ତାଙ୍କୁ ଦରକାର ଯେ, ସେ ଅନ୍ୟମାନଙ୍କ ପାଇଁ ମଧ୍ୟ ସେହିଭଳି ମନଭାବ ଓ ମନସ୍କାମନା ରଖୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, କିନ୍ତୁ ଦୁଃଖର କଥା ଯେ ଆଜିକାଲି ଏ ସମାଜରେ ଆମେମାନେ ବିପରୀତ ଦେଖିବାକୁ ପାଉଅଛେ, ବିଭ୍ରାଟମୂଳକ କାର୍ଯ୍ୟ ଓ ଯୁଦ୍ଧ ଇତ୍ୟାଦି ବଢ଼ି ଚାଲିଛି ନ୍ୟାୟ ଓ ସମାନତାର ନିୟମକୁ ସବୁବେଳେ ଅଣଦେଖା କରାଯାଉଅଛି । ଏକଥା କେତେକ ଧନୀ ଓ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକର ବୈଦେଶିକ ମନ୍ତ୍ରଣାଳୟରୁ ସ୍ପଷ୍ଟ ହେଉଅଛି । ବର୍ତ୍ତମାନର ଇତିହାସ ଏହା ବତାଉଛି ଯେ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଶାନ୍ତି ସ୍ଥାପନ କରିବା ନାଁ ରେ ଦୁରଦୁରାନ୍ତ ଇଲାକାଗୁଡ଼ିକୁ ନିଜର ସେନା ପଠାଉଛନ୍ତି । କିନ୍ତୁ ସମୟ ଏହା ପ୍ରମାଣ କରିଦେଇଛି ଯେ, ତାହା ପଛରେ ସେମାନଙ୍କର ଅସଲ ଉଦ୍ଦେଶ୍ୟ ନିଜସ୍ୱ ଲାଭ ଓ ନିଜର ସୁରକ୍ଷା କରିବା ରହିଛି । ଏହିଭଳି ପରିସ୍ଥିତିରେ ଯଦି ସେମାନଙ୍କର ଜଣେ ମଧ୍ୟ ସୈନ୍ୟକୁ ମାରିଦିଆଯାଏ ତେବେ ସେମାନଙ୍କର ଦୁଃଖ କହିଲେ ନ ସରେ, ପୁଣି ସେମାନେ ତାହାର ପ୍ରତିଶୋଧ ନେବାପାଇଁ ଶପଥ ନେଇଥାନ୍ତି । ଯେବେ କି ସେମାନଙ୍କର ବୋମା ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜରିଆରେ ଶହ ଶହ ଓ ହଜାର ହଜାର ନିରୀହ ଜନତାଙ୍କର ଜୀବନ ଚାଲିଯାଉଛି, ସେତେବେଳେ କୌଣସି ପ୍ରକାର ଦୁଃଖ ଓ ଅବସୋସର ତିଳେମାତ୍ର ପ୍ରକାଶ କରାଯାଉନାହିଁ । ଏହିଭଳି ଅନ୍ୟାୟର ଫଳାଫଳ ଅତ୍ୟନ୍ତ ଭୟଙ୍କର ହେବ । ସ୍ଥାନିୟ ଲୋକେ ଏକଥା ଅନୁଭବ କରୁଛନ୍ତି ଯେ ସେମାନଙ୍କ ଜୀବନର ମୂଲ୍ୟ ସେମାନଙ୍କ ଜୀବନ ତୁଳନାରେ ଯେଉଁମାନଙ୍କର ସମ୍ବନ୍ଧ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ସହିତ ରହିଛି, କିଛି ନାହିଁ । ଏହି ପ୍ରକାରର ଦୋମୁହାଁ ନୀତି ଓ ମାନବିକ ମୂଲ୍ୟବୋଧର କମି ଯୋଗୁଁ ସେମାନେ ନିରାଶ, କ୍ରୋଧ ଓ ଘୃଣାରେ ଜର୍ଜରିତ ହୋଇଯାଉଛନ୍ତି ଓ ପୁଣି ସେମାନଙ୍କର ଏହି ଆବେଗ କୌଣସି ଏକ ସମୟରେ ଫୁଟି ବାହାରକୁ ବାହାରି ଭୟଙ୍କର ରୂପ ଗ୍ରହଣ କରିନେଉଛି । ସେମାନଙ୍କର ଶାନ୍ତି ଓ ସରକ୍ଷା ଧ୍ୱଂସ ହୋଇସାରିଛି । କିନ୍ତୁ ଅନ୍ୟମାନଙ୍କର ଏ ଭାବା ମୂର୍ଖତାପୂର୍ଣ୍ଣ ଭାବନା ହେବ ଯେ, ଏହା ଦ୍ୱାରା ସେମାନେ ପ୍ରଭାବିତ ହେବେ ନାହିଁ ଯେବେକି ଏ ପୃଥିବୀ ବର୍ତ୍ତମାନ ଆପୋଷରେ ଏତେମାତ୍ରାରେ ଜୋଡ଼ି ହୋଇଯାଇଛି ଯେ, ଗୋଟିଏ ସ୍ଥାନରେ ହେଉଥିବା ଅତ୍ୟାଚାରର ଫଳାଫଳ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ପହଂଚୁଛି ଓ ବିଗତ ବର୍ଷଗୁଡ଼ିକରେ ଆମେ ଏହାର ଅନେକ ଉଦାହରଣ ଆମେ ଦେଖିସାରିଛେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅତଏବ ଯଦି ଆମେ ନିଜ ଜୀବନରେ ଓ ସାମୁହିକ ସ୍ତରରେ ବାସ୍ତବିକରୂପେ ଶାନ୍ତି ଚାହୁଁଅଛେ ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା କି, ଆମେ ଅନ୍ୟମାନଙ୍କ ପାଇଁ ତାହା ପସନ୍ଦ କରିବା ଯାହା ଆମେ ନିଜ ପାଇଁ ପସନ୍ଦ କରୁଅଛେ । ଯେମିତି କି ମୁଁ ପୂର୍ବରୁ କହିସାରିଛି ଯେ, ପୃଥିବୀରେ ପ୍ରକୃତ ଶାନ୍ତିର ମୂଳଦୁଆ ହେଉଛି ଏହି ସରଳ ସିଦ୍ଧାନ୍ତ । ଯେଉଁଠି ଧର୍ମର କଥା ଉଠୁଛି ସେଠି ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏ ଶିକ୍ଷା ଦେଇଛନ୍ତି ଯେ, ପ୍ରକୃତ ଶାନ୍ତି ସ୍ଥାପନ କରିବାକୁ ହେଲେ, ମଣିଷକୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବାକୁ ହେବ । ଯେଉଁ ଈଶ୍ୱର ହେଉଛନ୍ତି ଶାନ୍ତିପ୍ରଦାନ କାରୀ, ମହାନ ଓ ପବିତ୍ର ତାର ଉତ୍ସ । ପୁଣି ସେହି ଈଶ୍ୱରଙ୍କର ବିଶେଷ ସୁନ୍ଦର ଗୁଣ ଗୁଡ଼ିକ ନିଜ ଜୀବନର ଅଂଶ ଭାବେ ବନାଇବା ପାଇଁ ଚେଷ୍ଟା କରିବା ଉଚିତ । ଏହାର ଅର୍ଥ ହେଉଛି ଏହା ଯେ, ମାନବସମାଜରେ ଶାନ୍ତି ସ୍ଥାପନ କରିବାକୁ ହେଲେ ନିଜର ସ୍ୱାର୍ଥକୁ ସମ୍ମୁଖରେ ରଖିବା ପରିବର୍ତ୍ତେ ନିଷ୍ଠା ସହିତ ଅନ୍ୟମାନଙ୍କ ହିତ ପାଇଁ ଚେଷ୍ଟା କରିବା ଉଚିତ । ଆଜି ଏ ପୃଥିବୀରେ ଯାହା କିଛି ମତଭେଦ ଦେଖାଦେଇଛି ତାହାର ମୂଳକାରଣ ହେଉଛି ଏହା ଯେ, ସମ୍ବନ୍ଧିତ ସଂଘଠନ ଗୁଡ଼ିକର ନିୟତ ଠିକ୍ ନାହିଁ ସେମାନଙ୍କର କଥା କର୍ମରେ ସ୍ପଷ୍ଟରୂପେ ଅସମାନତା ପରିଲକ୍ଷିତ ହେଉଛି । ଯେଉଁଠି ମନୁଷ୍ୟର କର୍ମ ଓ କଥନରେ ସମାନତା ନାହିଁ ସେଠାରେ କଦାପି ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପ୍ରତ୍ୟେକ ସରକାର ଓ ପ୍ରତ୍ୟେକ ରାଜନେତା, ସେ ଆମେରୀକାର ହୁଅନ୍ତୁ, ଚୀନର, ଋଷ୍‌ର, ୟୁରୋପୀୟ ରାଷ୍ଟ୍ରଗୁଡ଼ିକର, ଇସ୍‌ଲାମିୟ ରାଷ୍ଟ୍ରଗୁଡ଼ିକର ବା ଅନ୍ୟକୌଣସି ସଂଘଠନର ହୁଅନ୍ତୁ । ସେମାନେ ସମସ୍ତେ ଏହି ସବୁ ଯନ୍ଧ ଏବଂ ରକ୍ତପାତକୁ ଖଣ୍ଡନ କରୁଛନ୍ତି । ଯେବେକି ପ୍ରକୃତ କଥା ହେଉଛି ଏହା କି, ଏକଥା କେବଳ ସେମାନଙ୍କର ନିଜସ୍ୱ ହିତ ଓ ନିଜ ଲୋକମାନଙ୍କ ଭିତରେ ସୀମିତ ହୋଇ ରହିଯାଇଅଛି । ଯେଉଁମାନେ କାନୁନ୍, ନ୍ୟାୟ ଏବଂ ମାନବିକ ଅଧିକାରର ରାଗିଣୀ ଗାଉଛନ୍ତି , ଯେତେବେଳେ ସେମାନଙ୍କର ହିତ ଉପରେ ଆଂଚ ଆସୁଛି ସେତେବେଳେ ସେମାନଙ୍କର ଏହି ସ୍ଲୋଗାନ୍ ଫମ୍ପା ହୋଇଯାଉଅଛି । ଯଦି ସେମାନଙ୍କ ଉପରେ ଆକ୍ରମଣ କରିଦିଆଯାଏ ବା ସେମାନଙ୍କର ଅଧିକାରକୁ କ୍ଷୁର୍ଣ୍ଣ କରିଦିଆଯାଏ । ସେତେବେଳେ ସେମାନେ ଏଭଳି ଅନ୍ୟାୟପୂର୍ଣ୍ଣ କାର୍ଯ୍ୟ ପାଇଁ ଭିଷଣ ରୂପେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି । ଯେବେ କି ଏମାନେ ନିଜେ ଦୁର୍ବଳ ରାଷ୍ଟ୍ରଗୁଡ଼ିକୁ ଲକ୍ଷ୍ୟ କରି ଏବଂ ନିଜର ନିଜସ୍ୱ ହିତ ସାଧନ ପାଇଁ ସେହି ସମସ୍ତ ରାଷ୍ଟ୍ରଗୁଡ଼ିକରେ ଗୃହ ଯୁଦ୍ଧ ଓ ବିଭ୍ରାଟ ସୃଷ୍ଟି କରୁଛନ୍ତି । ସେମାନେ ବିଭିନ୍ନ ସଂଘଟନଗୁଡ଼ିକୁ ଚର୍ଚ୍ଚା କରିବାପାଇଁ ବାଧ କରିବା ପରିବର୍ତ୍ତେ ଏବଂ ନ୍ୟାୟ ଉପରେ ଆଧାରିତ ବାର୍ତ୍ତାଳାପ କରିବା ପରିବର୍ତ୍ତେ ଅନ୍ୟ ଦେଶଗୁଡ଼ିକର ଆଭ୍ୟନ୍ତରିଣ କାର୍ଯ୍ୟରେ ସର୍ବଦା ହସ୍ତକ୍ଷେପ କରୁଛନ୍ତି ଏବଂ ସେହି ଦଳକୁ ଅସ୍ତ୍ରଶସ୍ତ୍ର ଓ ଫଣ୍ଡ ଦେଉଛନ୍ତି ଯେଉଁ ସଂଘଟନଗୁଡ଼ିକ ସେମାନଙ୍କର ହିତର ସୁରକ୍ଷା କରୁଛନ୍ତି ଏହିଭଳି ପଦକ୍ଷେପ ନିଆଁ ଉପରେ ଘିଅ ଢ଼ାଳିଲା ପରି ହେଉଛି ଫଳତଃ ନିରୀହ ଲୋକମାନଙ୍କର ଜୀବନ ଚାଲିଯାଉଛି ସେଥିରେ ମହିଳା ଛୋଟ ଛୋଟ ପିଲା ଓ ବୟସ୍କ ଲୋକମାନଙ୍କର କ୍ଷତି ହେଉଛି ଏବଂ ସେମାନଙ୍କ ପରିବାର ଦୁଃଖ ଓ କଷ୍ଟ ବରଦାସ୍ତ କରୁଛନ୍ତି । ସହର, କସ୍‌ବା ଏବଂ ଦେହାତି ଇଲାକାଗୁଡ଼ିକ ଉପରେ ଆକ୍ରମଣ କରାଯାଉଅଛି ଓ ସେମାନଙ୍କୁ ଧ୍ୱଂସ

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

---

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

କରିଦିଆଯାଉଅଛି । ଏହାର ଗୋଟିଏ ହିଁ ଫଳ ବାହାରି ପାରେ ଓ ତାହା ହେଉଛି ଏହା କି ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସ୍ଥିରତା ବଢ଼ିଚାଲିଛି ଏବଂ ଏହି କିଛି ବର୍ଷ ହେବ ଯୁଦ୍ଧ ଦ୍ୱାରା ପ୍ରଭାବିତ ହୋଇଥିବା ମୁସଲମାନ ରାଷ୍ଟ୍ରଗୁଡ଼ିକରେ ଏହିଭଳି ଦୃଶ୍ୟପଟ ଦେଖିବାକୁ ମିଳୁଅଛି । ଏହିଭଳି ପରିସ୍ଥିତିରେ କଣ ସେହି ସବୁ ବାହ୍ୟ ଶକ୍ତିରାଷ୍ଟ୍ରଗୁଡ଼ିକ ଯେଉଁମାନେ ନିଜ ହିତକୁ ଅଗ୍ରାଧିକାର ଦେଉଛନ୍ତି, ସେମାନେ ଏ ଦାବି କରିପାରିବେ ଯେ, ସେମାନେ ଶାନ୍ତି ସ୍ଥାପନ କରିଛନ୍ତି ? ସେହିପରି ଇସ୍‌ଲାମ ବିରୋଧି ତତ୍ୱ ଏ ପୃଥିବୀରେ ବିଭ୍ରାଟ ସୃଷ୍ଟି ହେବାପାଇଁ କଣ ଇସ୍‌ଲାମ୍ ଧର୍ମକୁ ଦୋଷ ଦେଇପାରିବେ ? କଣ ଏହିଭଳି ବିଭ୍ରାଟ ହେବାର କାରଣ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କୁ ଅଭିହିତ କରିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏକଥା ସ୍ପଷ୍ଟ ହେଉ ଯେ, ଏ ପୃଥିବୀରେ ଯେଉଁ ବିଭ୍ରାଟ ଚାଲିଛି ତାହା ମୁସଲମାନ ରାଷ୍ଟ୍ରଗୁଡ଼ିକରେ ହେଉ ବା ଅନ୍ୟ କେଉଁଠାରେ ହେଉ, ତାହାର ସମ୍ପର୍କ ଇସ୍‌ଲାମ୍ ଧର୍ମ ସହିତ କିଛି ବୋଲି ନାହିଁ । ବରଂ ତାହାର ଅସଲ କାରଣ ହେଉଛି ଆତ୍ମବଡ଼ିମା ଦେଖାଉଥିବା ନେତାମାନଙ୍କର ବା ଭ୍ରଷ୍ଟାଚାର ସରକାରଙ୍କର ନିଜର ଲାଭପାଇଁ ରହିଛି ଏବଂ ଦ୍ୱିତୀୟ କାରଣ ହେଉଛି ବିଦ୍ରୋହୀମାନଙ୍କର ଓ ଏହା କୁହାଯାଉଛି ଯେ, ଏହି ଚରମପନ୍ଥୀ କାର୍ଯ୍ୟକଳାପ ଓ ସନ୍ତ୍ରାସବାଦ ଗୋଷ୍ଠୀମାନଙ୍କୁ ଇସ୍‌ଲାମୀୟ ଶିକ୍ଷା ହିଁ ଅନୁପ୍ରାଣିତ କରୁଅଛି କିନ୍ତୁ ଏଠାରେ ସ୍ପଷ୍ଟ ହେଉ ଯେ, ଏହା ସହିତ ଇସ୍‌ଲାମିୟ ଶିକ୍ଷାର କିଛି ହେଲେ ବି ସମ୍ପର୍କ ନାହିଁ । ଯେମିତି କି ମୁଁ କହିସାରିଛି ଯେ, ରସୁଲେ କରିମ୍ ସ:ଆ:ସ ଏକଥା ଶିଖାଇଥାନ୍ତି ଯେ ଅଲ୍ଲାଃ ତାଲା ହେଉଛନ୍ତି ଶାନ୍ତିର ଉତ୍ସ ଏବଂ ସେ ହେଉଛନ୍ତି ସମଗ୍ର ମାନବଜାତିର ପାଳନକର୍ତା । ପବିତ୍ର କୋରାନ୍‌ର ପ୍ରଥମ ସୁରାଃରେ ଏ ବିଷୟ ଉଲ୍ଲେଖ ରହିଛି, ତେଣୁ ଏହା କିପରି ସମ୍ଭବ ହୋଇପାରେ ଯେ, ରସୁଲେ କରିମ୍ ସ:ଆ:ସ ଏଭଳି ଶିକ୍ଷା କେବେ ମଧ୍ୟ ଦେଇଥିବେ ବରଂ ମହାଭାଗ ନିଜର ସମ୍ପୁର୍ଣ୍ଣ ଜୀବନ ବିଭିନ୍ନ ଧର୍ମ ମଧ୍ୟରେ ସୌହାର୍ଦ୍ଦ୍ୟ ଭାବକୁ ପ୍ରୋତ୍ସାହନ ଦେଉଛନ୍ତି ଏବଂ ସମାଜର ପ୍ରତ୍ୟେକ ସ୍ତରରେ ନିଜ ଘରଠାରୁ ନେଇ ଆର୍ନ୍ତଜାତିକ ସ୍ତର ପର୍ଯ୍ୟନ୍ତ ସୁସମ୍ପର୍କ ସ୍ଥାପନ କରିବାପାଇଁ ଓ ଶାନ୍ତି ସ୍ଥାପନ କରିବାପାଇଁ ଜୋର୍ ଦେଇଛନ୍ତି । ଏହା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର କେବଳ ଶିକ୍ଷା ହିଁ ନଥିଲା ବରଂ ମହାଭାଗ ତା'ଉପରେ ପରିଚାଳିତ ମଧ୍ୟ ହେଉଥିଲେ । ପ୍ରାରମ୍ଭରୁ ହିଁ ରସୁଲେ କରିମ୍ ସ:ଆ:ସ ଶାନ୍ତିର ବାର୍ତାକୁ ପ୍ରଚାର ପ୍ରସାର କରିଛନ୍ତି ଏବଂ ସର୍ହିଷ୍ଣୁତା ଏବଂ ସାମାଜିକ ଏକତାକୁ ପ୍ରୋତ୍ସାହନ ଦେଇଛନ୍ତି । ରସୁଲେ କରିମ୍ ସ:ଆ:ସ ପୁଣି କହୁଛନ୍ତି ଯେ, ଅଲ୍ଲାଃ ତାଲା ସମସ୍ତ ଲୋକଙ୍କ ପାଇଁ ଏହା ଚାହୁଁଛନ୍ତି ଯେ, ସେମାନେ କିପରି ଶାନ୍ତିରେ ରୁହନ୍ତୁ ସେମାନଙ୍କର ସମ୍ବନ୍ଧ କୌଣସି ଜାତି ବା ଧର୍ମ ସହିତ ହୋଇଥାଉ ନା କାହିଁକି ଏବଂ ସେ ସର୍ବଦା ମାନବୀୟ ସମ୍ମାନକୁ କାଏମ୍ ରଖିବାପାଇଁ ନିର୍ଦ୍ଦେଶ ଦେଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଧିକାଂଶ ସମୟ ଏ ଆରୋପ ଲଗାଯାଉଛି ଯେ ପ୍ରାରମ୍ଭିକ ମୁସଲମାନମାନେ ଯୁଦ୍ଧ କରିଥିଲେ ଏବଂ ସେମାନେ ଅନ୍ୟ ଧର୍ମାବଲମ୍ବିଙ୍କ ଆସ୍ଥା ଓ ବିଶ୍ୱାସକୁ ବରଦାସ୍ତ କରୁନଥିଲେ । କିନ୍ତୁ ବିଦ୍ୱେଷଭାବରୁ ମୁକ୍ତ ଥିବା ଇସ୍‌ଲାମୀୟ ଶିକ୍ଷାରୁ ଏହା ପ୍ରମାଣ ହେଉଛି ଯେ, ସେହି ମିଥ୍ୟାରୋପ କେବଳ ଭୁଲ୍ ଓ ମିଥ୍ୟାରୋପ ଅଟେ । ଯେତେବେଳେ ଇସ୍‌ଲାମ୍‌ର ମୂଳଦୁଆ ରଖାଗଲା ସେତେବେଳେ ମୁସଲମାନମାନେ ନିଜେ ହିଁ ମକ୍କାଠାରେ ଅତ୍ୟାଚାରିତ ହେଉଥିଲେ ଓ କେତେକ ମୁସଲମାନମାନଙ୍କୁ ବହୁତ ନୃସଂଶଭାବେ ହତ୍ୟା କରିଦିଆଗଲା ଓ କେତେକଙ୍କ ଉପରେ ଭିଷଣ ଅତ୍ୟାଚାର କରାଗଲା କିନ୍ତୁ ଏହା ସତ୍ୱେ ମଧ୍ୟ ମୁସଲମାନମାନେ ସବୁକିଛି ସହିଗଲେ ଓ କେବେ ବି କୌଣସି ପ୍ରକାରର ପ୍ରତିଶୋଧ ନେଲେ ନାହିଁ । ଯଥାସମ୍ଭବ ଅତ୍ୟାଚାରକୁ ବରଦାସ୍ତ କରିବାପରେ କେତେକ ଦୁର୍ବଳ ଶ୍ରେଣୀର ଲୋକମାନେ ଗୋଟିଏ ଇଲାକା ଆଡ଼କୁ ହିଜ୍‌ରତ୍ କରି ଚାଲିଗଲେ । ସେହି ସ୍ଥାନଟିକୁ ଆଜିକାଲି ଇଥିଓପିଆ କୁହାଯାଉଛି । ଏହା ସତ୍ୱେ ମଧ୍ୟ ଇସ୍‌ଲାମ ବିରୋଧି ଶକ୍ତି ମୁସଲମାନମାନଙ୍କୁ ଶାନ୍ତିରେ ରହିବାକୁ ଦେଲା ନାହିଁ ଓ ତାଙ୍କ ପଛେ ପଛେ ଅନୁଧାବନ କରି ସେହି ଇଲାକାର ସମ୍ରାଟଙ୍କ ନିକଟକୁ ଚାଲିଗଲେ ଏବଂ ସମ୍ରାଟଙ୍କୁ ଯାଇ ନିବେଦନ କଲେ ଯେ, ସେ ସେହି ମୁସଲମାନମାନଙ୍କୁ ନିଜ ଇଲାକାରୁ ବାହାର କରିଦିଅନ୍ତୁ ଓ ସେମାନଙ୍କୁ ଜୋର୍ ଜବରଦସ୍ତି ମକ୍କା ପଠାଇ ଦିଅନ୍ତୁ । ଯଦ୍ୱାରା ସେମାନେ ତାଙ୍କ ଉପରେ ମକ୍କାଠାରେ ନିଜର ଅତ୍ୟାଚାରକୁ ପୂର୍ବବତ ଜାରି ରଖିପାରିବେ ଓ ଇସ୍‌ଲାମ୍ ବ୍ୟାପି ପାରିବନାହିଁ । ମକ୍କାର ସେହି କୁଫାର୍‌ମାନେ ସମ୍ରାଟକୁ ବତାଇଲେ ଯେ, ମୁସଲମାନମାନେ ଗୋଟିଏ ନୂଆ ଧର୍ମ ତିଆରି କରିଛନ୍ତି ଏବଂ ସେମାନେ ପ୍ରତିମା ପୁଜାକୁ ଏଣୁତେଣୁ କହୁଛନ୍ତି ଏବଂ ସେହିପରି ଏମାନେ ଏ ଆରୋପ ଲଗାଇଲେ ଯେ, ମୁସଲମାନମାନେ ବିଭ୍ରାଟ ସୃଷ୍ଟି କରୁଛନ୍ତି ଓ ସମାଜର ଶାନ୍ତି ଭଙ୍ଗ କରୁଛନ୍ତି । ସମ୍ରାଟ ଯେତେବେଳେ ମୁସଲମାନମାନଙ୍କୁ ଏହାର ପ୍ରତିରକ୍ଷା କରିବାପାଇଁ କହିଲେ ସେତେବେଳେ ମୁସଲମାନମାନେ ସମସ୍ତ ପ୍ରାଣୀଜଗତର ସୃଷ୍ଟିକର୍ତା ଏକେଶ୍ୱରଙ୍କ ଉପରେ ବିଶ୍ୱାସ ରଖିଥିବାର ପ୍ରକାଶ କଲେ ଓ ଏହା କହିଲେ ଯେ, ସେ ସେହି ଏକ ଅଦ୍ୱିତୀୟ ଈଶ୍ୱରଙ୍କ ଉପାସନା କରୁଛନ୍ତି । କିନ୍ତୁ ସମସ୍ତ ଧର୍ମ ଓ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ଏବଂ ଏକଥା ଉପରେ ବିଶ୍ୱାସ ରଖିଛନ୍ତି ଯେ, ବିଭିନ୍ନ ଧର୍ମ ଓ ବିଭିନ୍ନ ଆସ୍ଥା ଉପରେ ବିଶ୍ୱାସ ରଖିଥିବା ଲୋକମାନଙ୍କୁ ଜଣେ ଅନ୍ୟଜଣକର ସମ୍ମାନ କରିବା ଉଚିତ । ସେମାନେ ଏହା ପୁଣି କହିଲେ ଯେ, ଧନୀ ଓ ଶକ୍ତିଶାଳୀ ଲୋକମାନଙ୍କୁ ଦୁର୍ବଳ ଲୋକମାନଙ୍କର ଅଧିକାରକୁ ଛଡ଼ାଇ ନେବାପାଇଁ କୌଣସି ଅକ୍ତିଆର ରହିବା ଉଚିତ ନୁହେଁ । ସେହିଭଳି ଗରିବମାନଙ୍କୁ ମଧ୍ୟ ଧନୀ ଲୋକଙ୍କୁ ଘୃଣା କରିବା ଉଚିତ ନୁହେଁ ।

ସମ୍ରାଟ ବିରୋଧିଙ୍କୁ ପଚାରିଲେ ଯେ, କଣ କେବେ ମୁସଲମାନମାନେ ଯୁଦ୍ଧ କରିଛନ୍ତି, କଣ କେବେ ମିଛ କହିଛନ୍ତି, କଣ କେବେ ପ୍ରତିଶୃତି ଭଙ୍ଗ କରିଛନ୍ତି ଅଥବା କେବେ ବିଦ୍ରୋହ କରିଛନ୍ତି କି ? ଏହାର ଉତରରେ ବିରୋଧିମାନଙ୍କ ନିକଟରେ ଏହା କହିବା ବ୍ୟତିତ ଅନ୍ୟ କୌଣସି ମାର୍ଗ ନଥିଲା ଯେ, ମୁସଲମାନମାନେ ଏହି ସମସ୍ତ ମିଥ୍ୟାରୋପରୁ ପବିତ୍ର ଅଟନ୍ତି । ଅର୍ଥାତ ସେମାନଙ୍କ ଉପରେ ଯେଉଁ ମିଥ୍ୟାରୋପ ଲଗାଯାଇଛି ତାହା ଭୁଲ୍ ଅଟେ । ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏବଂ ତାଙ୍କ ଅନୁଚରମାନଙ୍କୁ ଅତ୍ୟନ୍ତ ଘୃଣା କରୁଥିବା ସତ୍ୱେ ଏବଂ ଇସ୍‌ଲାମ୍‌କୁ ଧ୍ୱଂସ କରିବାର ଇଚ୍ଛା ରଖିଥିବା ସତ୍ୱେ ମଧ୍ୟ ମକ୍କାରୁ ଆସିଥିବା ଅବିଶ୍ୱାସକାରୀମାନେ ଏ ସାକ୍ଷ୍ୟ ପ୍ରଦାନ କଲେ ଯେ, ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସ କେବେ ବି ଭୁଲ୍ କଥା କହିନାହାନ୍ତି, କେବେବି ପ୍ରତିଶୃତିକୁ ଭାଙ୍ଗିନାହାନ୍ତି ଏବଂ ନା କେବେ ସେ ଅନ୍ୟାୟ ଅନିତି କରିଛନ୍ତି । ସେମାନେ ବିବଶ ହୋଇ ଏହା ସ୍ୱୀକାର କଲେ ଯେ, ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏବଂ ତାଙ୍କ ଅନୁଚରମାନେ ସମାଜରେ କେବଳ ପ୍ରେମ, ସ୍ନେହ ଓ ଭାତୃଭାବକୁ ସ୍ଥାପନ କରିବାକୁ ଚାହୁଁଛନ୍ତି ଏବଂ ଏକେଶ୍ୱରବାଦର ଶାନ୍ତିପୂର୍ଣ୍ଣ ତବ୍‌ଲିଗ୍ (ପ୍ରଚାର ପ୍ରସାର) କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଇସ୍‌ଲାମ୍‌ର ପ୍ରତିଷ୍ଠାତା ସ:ଆ:ସ ଭିଷଣ ବିରୋଧର ସମ୍ମୁଖୀନ ହୋଇ ମଧ୍ୟ ଧୈର୍ଯ୍ୟ ସହୁଥିଲେ ଏବଂ ନିଜର କଷ୍ଟକୁ କେବଳ ଈଶ୍ୱରଙ୍କ ସମୀକ୍ଷାରେ ଉପସ୍ଥାପନ କରୁଥିଲେ । ପବିତ୍ର କୋରାନ୍ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କର ଏହି ବେଦନାକୁ ବର୍ଣ୍ଣନା କରିଛି ଯେ, ମୁଁ ଲୋକମାନଙ୍କୁ ଶାନ୍ତି ଓ ସଫଳତା ଆଡ଼କୁ ଡ଼ାକିଲି କିନ୍ତୁ ସେମାନେ ଅତ୍ୟାଚାରର ମାର୍ଗକୁ ଆପଣାଇଲେ । ମକ୍କାରେ ରହିଥିବା ସମୟରେ ବିରୋଧିମାନଙ୍କ ଶତୃତା ସତ୍ୱେ ମଧ୍ୟ ହଜ୍‌ରତ୍ ମୁହମ୍ମଦ ସ:ଆ:ସ କେବେବି ମୁସଲମାନମାନଙ୍କ ଉପରେ ଅତ୍ୟାଚାର କରୁଥିବା ଲୋକମାନଙ୍କ ବିରୋଧରେ ତରବାରୀ ଉଠାଇ ନାହାନ୍ତି ଓ ନା ହିଁ କେବେ ମକ୍କାର ବ୍ୟବସ୍ଥାପିକାଙ୍କ ସହିତ ସାହାଯ୍ୟ ସହଯୋଗରେ କମ୍ କରିଛନ୍ତି ଓ ନା କୌଣସି ପ୍ରକାରର ମଧ୍ୟ ବିଦ୍ରୋହ କରିଛନ୍ତି । ମୁସଲମାନମାନଙ୍କର ଏହି ଧୈର୍ଯ୍ୟ ଅଲ୍ଲାଃ ତାଲାଙ୍କର ସେହି ନିର୍ଦ୍ଦେଶ ମୁତାବକ ଥିଲା ଯାହାକୁ ପବିତ୍ର କୋରାନ୍‌ରେ ସୁରାଃ ଫୁର୍‌କାନ୍‌ର ଆୟତ ନଂ ୬୪ ରେ ଦରଜ କରାଯାଇଅଛି । ଏହି ପବିତ୍ର ଆୟତରେ ଅଲ୍ଲାଃ ତାଲା ମୋମିନ୍ ମାନଙ୍କୁ ସମ୍ବୋଧନ କରିକହୁଛନ୍ତି ଯେ, "ଏବଂ କରୁଣାମୟ ଈଶ୍ୱରଙ୍କ ଭକ୍ତ ହେଉଛନ୍ତି ସେମାନେ, ଯେଉଁମାନେ ଏ ପୃଥିବୀ ଉପରେ ବିନମ୍ରତାର ସହିତ ଚାଲୁଛନ୍ତି ଏବଂ ଯେତେବେଳେ ମୂର୍ଖମାନେ ସେମାନଙ୍କ ସହିତ ସାକ୍ଷାତ କରୁଛନ୍ତି ସେତେବେଳେ ପ୍ରତ୍ୟୁତରରେ ସେମାନେ ସେହି ମୂର୍ଖମାନଙ୍କୁ ସଲାମ୍ କହୁଛନ୍ତି ।" ଶାନ୍ତି ସ୍ଥାପନର କଥା କହୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ,

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

ଅତଏବ ଅଲ୍ଲାଃ ତାଲା ମୁସଲମାନମାନଙ୍କୁ ଧୈର୍ଯ୍ୟ ଧରିବାପାଇଁ ଉପଦେଶ ଦେଇଛନ୍ତି, ସେମାନଙ୍କୁ ଯେତେ ଇଚ୍ଛା ସେତେ ଦୁଃଖକଷ୍ଟ ଦିଆଯାଉନା କାହିଁକି ସେମାନେ ଧୈର୍ଯ୍ୟକୁ ହାତଛଡ଼ା କରିବେ ନାହିଁ । କଠୋରତା ଏବଂ ଘୃଣାଭାବର ମୁକାବିଲାରେ ମୁସଲମାନମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ, ନିଜର ଶତ୍ରୁ ଏବଂ ବିରୋଧିମାନଙ୍କ ସହିତ ଶାନ୍ତିରେ କଥା ହୁଅ ଏହା ଦ୍ୱାରା ମୁସଲମାନମାନଙ୍କୁ ଦୁଃଖ ଦିଆଗଲା, ସେମାନଙ୍କୁ ଅସ୍ୱୀକାର କରାଗଲା ଏବଂ ବଦନାମ କରିଦିଆଗଲା । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ସେମାନେ ଈଶ୍ୱରଙ୍କ ନିର୍ଦ୍ଦେଶ ଅନୁସାରେ ଧୈର୍ଯ୍ୟ ଧରିଲେ ସେମାନେ ପ୍ରତିଶୋଧ ନେବା ବଦଳରେ ଶାନ୍ତିକୁ ଅଗ୍ରାଧିକାର ଦେଲେ । କାରଣ ସେମାନେ ନିଜ ପାଇଁ ତାହା ପସନ୍ଦ କରୁଥିଲେ । ଏହା ଅସ୍ଥାୟୀ ଶାନ୍ତି ନୁହେଁ ବରଂ ସ୍ଥାୟୀ ଶାନ୍ତି ଥିଲା । ସେଥିଯୋଗୁଁ ସୁରାଃ ୟୁନୁସ୍‌ର ଆୟତ ନଂ ୨୬ରେ ଅଲ୍ଲାଃ ତାଲା କହିଛନ୍ତି: "ଅଲ୍ଲାଃ ତାଲା ତୁମକୁ ଶାନ୍ତିର ଘରଆଡ଼କୁ ଡ଼ାକୁଛନ୍ତି" ଏହି ଆୟତଟି ଏଥିରେ ସ୍ପଷ୍ଟ କରିଦେଉଛି ଯେ, ମୁସଲମାନମାନଙ୍କୁ ସ୍ଥାୟୀ ଶାନ୍ତି ସ୍ଥାପନ କରିବାପାଇଁ ଓ ଲୋକମାନଙ୍କ ମଧ୍ୟରେ ଆପୋଷ ଭାଇଚାରାକୁ ସ୍ଥାପନ କରିବାପାଇଁ ଯଥା ସମ୍ଭବ ଚେଷ୍ଟା କରିବା ଉଚିତ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅନେକ ବର୍ଷ ପର୍ଯ୍ୟନ୍ତ ଦୁଃଖକଷ୍ଟର ସମ୍ମୁଖୀନ ହେଲେ । ପୁଣି ଯେତେବେଳେ ସେମାନଙ୍କ ଉପରେ ଅତ୍ୟାଚାର ସୀମା ବାହାରକୁ ଟପିଗଲା ସେତେବେଳେ ରସୁଲେ କରିମ୍ ସ:ଆ:ସ ଏବଂ ତାଙ୍କ ସାହାବାମାନେ ମକ୍କାଛାଡ଼ି ମଦିନାଆଡ଼କୁ ହିଜ୍‌ରତ୍ କରି ଚାଲିଗଲେ । ଏହା ସତ୍ତ୍ୱେ ମଧ୍ୟ ଇସ୍‌ଲାମ୍‌ର ଶତ୍ରୁମାନେ ମୁସଲମାନମାନଙ୍କୁ ଶାନ୍ତିରେ ରହିବାକୁ ଦେଲେନାହିଁ ଓ ତାଙ୍କ ଉପରେ ଯୁଦ୍ଧକୁ ଲଦି ଦେଲେ । ତା'ପରେ ବର୍ଷ ବର୍ଷ ଧରି ଅତ୍ୟାଚାରକୁ ବରଦାସ୍ତ କରିଥିବା ଓ ନିଜ ଘରକୁ ଛାଡ଼ିବା ପରେ ଅଲ୍ଲାଃ ତାଲା ସେମାନଙ୍କ ସୁରକ୍ଷା ପାଇଁ ଅତ୍ୟାଚାରକୁ ପ୍ରତିରୋଧ କରିବାପାଇଁ ଯୁଦ୍ଧ କରିବାକୁ ଅନୁମତି ଦେଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠାରେ ଏକଥା ଜାଣିରଖିବା ଉଚିତ ଯେ, ପ୍ରତ୍ୟୁତର ଦେବାର ଅନୁମତି ମଧ୍ୟ ଇସ୍‌ଲାମ୍ ବା ମୁସଲମାନମାନଙ୍କୁ ସୁରକ୍ଷା ଦେବାପାଇଁ ଦିଆଯାଇ ନଥିଲା । ବରଂ ପବିତ୍ର କୁରାନ୍‌ର ସୁରାଃ ଅଲ୍‌ହଜ୍ ର ଆୟତ ନଂ ୪୧ ରେ ଅଲ୍ଲାଃ ତାଲା କହୁଛନ୍ତି ଯେ, ପ୍ରତିରକ୍ଷାମୂଳକ ଯୁଦ୍ଧର ଅନୁମତି ମଧ୍ୟ ସବୁ ଧର୍ମର ସୁରକ୍ଷା ପାଇଁ ଦିଆଯାଇଛି ଏହା ମଧ୍ୟ ସ୍ପଷ୍ଟ ହେଉ ଯେ, ରସୁଲେ କରିମ୍ ସ:ଆ:ସ ନିଜ ଅନୁଗାମୀମାନଙ୍କୁ ଏ ସିଦ୍ଧାନ୍ତ ଉପରେ ପରିଚାଳିତ ହେବାପାଇଁ ଉପଦେଶ ଦେଇଛନ୍ତି । ଉଦାହରଣ ସ୍ୱରୁପ ହଜ୍‌ରତ୍ ମୁହମ୍ମଦ ସ:ଆ:ସ ଏକଥା ନିଶ୍ଚିତ କରାଇଛନ୍ତି ଯେ, ଯୁଦ୍ଧରେ ବନ୍ଦି ହୋଇଆସିଥିବା କଏଦୀମାନଙ୍କ ସହିତ ନମ୍ର ଆଚରଣ କରାଯାଉ ଓ ଯଦି ସମ୍ଭବ ହୁଏ ସେମାନଙ୍କୁ ମୁକ୍ତ କରିଦିଆଯାଉ । ପୁଣି ମହାଭାଗ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, କୌଣସି ପିଲା, କୌଣସି ମହିଳା, କୌଣସି ବୁଢ଼ା ତଥା କୌଣସି ରୋଗୀଙ୍କୁ କଷ୍ଟ ନ ଦିଆଯାଉ । ଏହିଭଳି କୌଣସି ଉପାସନା ପୀଠକୁ କ୍ଷତି ନ ପହଂଚାଯାଉ ନା କୌଣସି ଧାର୍ମିକ ନେତାଙ୍କୁ ଲକ୍ଷ୍ୟ ବନାଯାଉ । ପୁଣି ନିର୍ଦ୍ଦେଶ ଦେଇଛନ୍ତି ଯେ, ଯଦି ବିରୋଧି ଦଳ ଟିକିଏ ମଧ୍ୟ ମିଶିବାପାଇଁ ଇସାରା ଦିଏ ବା ବୁଝାମଣା ପାଇଁ ଆଗ୍ରହ ରଖେ ତେବେ ତତ୍‌କ୍ଷଣାତ୍ ସୁଲ୍‌ହା କରାଯାଉ । ଏତଦ୍ ଦ୍ୱାରା ଶାନ୍ତି ପ୍ରତିଷ୍ଠା ହେବାର କୌଣସି ଅବସର ହାତଛଡ଼ା ନ ହେଉ । ଏକଥା ମଧ୍ୟ ଚିନ୍ତା କରିବା ଯୋଗ୍ୟ ଯେ, ଯେଉଁଠାରେ ପୂର୍ବେ ମୁସଲମାନମାନଙ୍କୁ ଖୁନୀ ଓ ଜିଦ୍‌ଖୋର୍ କୁହାଯାଉଛି । ଏଠାରେ ଆଜି ଏକ ପାଶ୍ଚାତ୍ୟ ଓ ଅଣମୁସଲିମ୍ ଲୋକମାନେ ଏହାକୁ ସ୍ୱୀକାର କରୁଛନ୍ତି ଯେ, ଏକଥା ସମ୍ପୂର୍ଣ୍ଣ ରୂପେ ବାସ୍ତବିକ ଘଟଣାଠାରୁ ବହୁ ଦୁରରେ । ବାସ୍ତବରେ ଗବେଷଣା କରିବାରୁ ଜଣାପଡୁଛି ଯେ, ପ୍ରାରମ୍ଭିକ ଇସ୍‌ଲାମୀୟ ଯୁଦ୍ଧରେ ଲଢ଼ାଯାଇଥିବା ସମସ୍ତ ଯୁଦ୍ଧରେ ମୃତବ୍ୟକ୍ତିମାନଙ୍କର ସଂଖ୍ୟା ଆଜିକାଲିର ଗୋଟିଏ ବୋମା ଦ୍ୱାରା ମରୁଥିବା ଲୋକମାନଙ୍କ ସଂଖ୍ୟା ତୁଳନାରେ ବହୁତ ହିଁ ମାମୁଲି ଥିଲା । ଅତଏବ ଆପୋଷରେ ଯୁଦ୍ଧ ଓ ବିଦ୍ୱେଷଭାବର ମଞ୍ଜିକୁ ବୁଣିବା ପରିବର୍ତ୍ତେ ଇସ୍‌ଲାମ ସର୍ବଦା ମୁସଲମାନମାନଙ୍କୁ ଘୃଣାଭାବର ପାଚେରୀକୁ ଭାଙ୍ଗିବାପାଇଁ ଏବଂ ପ୍ରେମ ଓ ଭାଇଚାରର ପୋଲ ନିର୍ମାଣ କରିବାପାଇଁ ନିର୍ଦ୍ଦେଶ ଦେଇଛି । ଯଦ୍ୱାରା ମାନବଜାତିକୁ ଭାଗ ଭାଗ କରିବା ପରିବର୍ତ୍ତେ ଏକତା ର ରସିରେ ବନ୍ଧା ଯାଇପାରିବ । ସୁତରାଂ ସମାଜର ପ୍ରତ୍ୟେକ ସ୍ତରରେ ଏବଂ ବିଭିନ୍ନ ଶ୍ରେଣୀର ଲୋକମାନଙ୍କ ପର୍ଯ୍ୟନ୍ତ ମୁସଲମାନମାନଙ୍କ ଉପରେ ଏ ଦାୟିତ୍ୱ ନ୍ୟସ୍ତ କରାଯାଇଛି ଯେ, ସେମାନେ ସବୁଠାରେ ଶାନ୍ତି ପ୍ରସାର କରନ୍ତୁ । ଓ ଏହାର ମୂଳକାରଣ ମୁଁ ପ୍ରଥମେ ବର୍ଣ୍ଣନା କରିସାରିଛି । ପବିତ୍ର କୁର୍‌ଆନ୍‌ର ପ୍ରଥମ ସୁରାଃରେ ବର୍ଣ୍ଣିତ ଅଛି ତାହା ହେଉଛି ଏପରି କି, ସମସ୍ତ ପ୍ରକାରର ପ୍ରଶଂସା ସେହି ପରମେଶ୍ୱରଙ୍କ ପାଇଁ ଯିଏ ହେଉଛନ୍ତି ସାରା ସଂସାରର ପାଳନକର୍ତା । ସେହିଭଳି ଯେତେବେଳେ ଈଶ୍ୱର ମାନବଜାତିକୁ ଜୀବିତ ଓ କାଏମ୍ ରଖିବେ ସେତେବେଳେ ଜଣେ ସଚ୍ଚା ମୁସଲମାନଙ୍କୁ ଏହା ଶୋଭା ଦିଏନାହିଁ ଯେ, ସେ ନିଜ ପରିକା ମଣିଷକୁ ଘୃଣା କରୁ । ବରଂ ଆମର ଏହି ଘୃଣାଭାବ ପ୍ରେମ, ସ୍ନେହ ଓ ଆପୋଷ ଭାଇଚାରାକୁ ଦୂର କରିଦିଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଜଣେ ପୂଣ୍ୟକର୍ମ ଓ ସତ୍‌କର୍ମ କରୁଥିବା ମୁସଲମାନ ହିସାବରେ ଆମର କିଛିଟା ଧାର୍ମିକ ବିଶ୍ୱାସ ରହିଛି । ଆମର ଏ ବିଶ୍ୱାସ ଯେ, ଈଶ୍ୱର ହେଉଛନ୍ତି ଏକ ତେଣୁ ଆମର ଏ କର୍ତବ୍ୟ ଯେ, ସେହି ଏକ ଈଶ୍ୱରଙ୍କ ଆଡ଼କୁ ଗତି କରିବା ଓ କେବଳ ତାହାଙ୍କୁ ହିଁ ଉପାସନା କରିବା ଓ ସେହିଭଳି ଆମେ ପବିତ୍ର କୋରାନ୍‌ର ଚିରସ୍ଥାୟୀ ଶିକ୍ଷାକୁ ମଧ୍ୟ ମାନୁଅଛୁ ଯେ, ଧର୍ମସକ୍ରାନ୍ତରେ କୌଣସି ପ୍ରକାରର ବାଧ୍ୟବାଧକତା ନାହିଁ । ଯେମିତି କି ମୁଁ ପୂର୍ବରୁ ଏକଥା ବର୍ଣ୍ଣନା କରିସାରିଛି ଧର୍ମ ସର୍ବଦା ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ ମାମଲା ରହିଅଛି ଓ ରହିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଇସ୍‌ଲାମ୍‌ର ଶର୍ଦ୍ଦାର୍ଥ ହେଉଛି ''ଶାନ୍ତି'' ପବିତ୍ର କୋରାନ୍‌ରେ ଏମିତି ବହୁତ ଗୁଡ଼ିଏ ଆୟତ ଅଛି ଯାହା ଏକଥାକୁ ସ୍ପଷ୍ଟ କରୁଅଛି ଯେ, ମୁସଲମାନମାନଙ୍କୁ ସର୍ବଦା ଶାନ୍ତିପୂର୍ଣ୍ଣ ରହିବା ଉଚିତ ଏବଂ ଅନ୍ୟମାନଙ୍କ ସହିତ ପ୍ରେମ କରିବା ସହିତ ସମ୍ମାନ ଦେବା ଉଚିତ । ଅତଏବ ଏହା କିପରି ହୋଇପାରେ ଯେ, ରସୁଲେ କରିମ୍ ସ:ଆ:ସ, ଯାହାଙ୍କ ଉପରେ ଏହିପରି ଶାନ୍ତିପୂର୍ଣ୍ଣ ଶିକ୍ଷା ଅବତୀର୍ଣ୍ଣ ହୋଇଅଛି, ସେ ନିଜେ ସେହି ଶିକ୍ଷାର ବିରୋଧରେ କିପରି ଚାଲିପାରିବେ । ନ୍ୟାୟବନ୍ତ ଓ ପକ୍ଷପାତ କରୁନଥିବା ଐତିହାସିକମାନେ ଏକଥାର ସାକ୍ଷ୍ୟ ଦେଉଅଛନ୍ତି ଯେ, ରସୁଲେ କରିମ୍ ସ:ଆ:ସ କେବେ ମଧ୍ୟ ଅତ୍ୟାଚାର କରିନାହାନ୍ତି ଓ ନାଁ କେବେ କାହାର ହକ୍ ମାରିଛନ୍ତି ବରଂ ସବୁଠାରେ ଶାନ୍ତି, ଭାଇଚାରା ଏବଂ ଅନ୍ୟମାନଙ୍କର ଅଧିକାରକୁ ପ୍ରଦାନ କରିବାପାଇଁ ଶିକ୍ଷା ଦେଇଛନ୍ତି ଏବଂ ନିଶ୍ଚିତରୂପେ ତାଙ୍କର ଶିକ୍ଷା ହିଁ ଆମର ଚରମ ଉଦ୍ଦେଶ୍ୟ । ଆମେ ଗର୍ବର ସହିତ ସେହି ରସୁଲ୍‌ଙ୍କ ଅନୁଗାମୀ ହେବାର ଦାବି କରୁଅଛୁ । ଯାହାକୁ ପବିତ୍ର କୋରାନ୍ ରହ୍‌ମତୁଲ୍ ଲିଲ୍ ଆଲ୍‌ମିନ୍ (ଅର୍ଥାତ ସାରା ସଂସାରପାଇଁ କରୁଣାମୟ) । ଏହି କାରଣ ଯୋଗୁଁ ଯମାତ୍ ଅହେମଦୀୟାର ସ୍ଲୋଗାନ ହେଉଛି ''ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ'' ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏହିଭଳି ଘଡ଼ିସନ୍ଧି ଯୁଗରେ ସମଗ୍ର ମାନବଜାତିକୁ ଯେଉଁ ଜିନିଷପାଇଁ ଚେଷ୍ଟା କରିବା ଉଚିତ ତାହା ହେଉଛି ''ଶାନ୍ତି'' । ଇସ୍‌ଲାମକୁ ବୁଝିପାରୁନଥିବା ଲୋକମାନଙ୍କୁ ଏହା ଆବଶ୍ୟକ ଯେ, ସେମାନେ ଇସ୍‌ଲାମ୍ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ବିରୋଧରେ ଜହର ଓଗାଳିବା ପରିବର୍ତ୍ତେ ନିଜର ବିଦ୍ୱେଷଭାବ ଓ ସ୍ୱାର୍ଥକୁ ଶେଷ କରନ୍ତୁ । ନଚେତ ଏ ଦୁନିଆରେ ଉତେଜନା ବଢ଼ିଚାଲିବ । ଅଶିକ୍ଷିତ ଓ ଅଜ୍ଞାନ ମୁସଲମାନମାନେ, ଯେଉଁମାନେ ନିଜର ଶିକ୍ଷାକୁ ସଠିକ୍‌ରୂପେ ଜାଣିନାହାନ୍ତି, ସେମାନଙ୍କର କ୍ରୋଧ ଅସାଧାରଣଭାବେ ବଢ଼ିଯିବ । ଯେଉଁଠି ମଧ୍ୟ ଯୁବଗୋଷ୍ଠି ନିରାଶର ଅବସ୍ଥାକୁ ପହଂଚିଥାଏ ସେଠାରେ ସେମାନେ ବଡ଼ ସହଜରେ ଘୃଣାଭାବରେ ଭରି ରହିଥିବା ମୁଲ୍ଲାଃମାନଙ୍କର ଶିକାର ହୋଇଯାଆନ୍ତି ଓ ସେହି ମୁଲ୍ଲାଃମାନେ ପୁଣି ସେମାନଙ୍କ ମୁଣ୍ଡରେ ବିଶ ଭରିଦେଉଛନ୍ତି । ଆପଣଙ୍କୁ ନିଶ୍ଚିତରୂପେ ତାହା ବିରୋଧରେ ପଦକ୍ଷେପ ଉଠାଇବା ଉଚିତ ନଚେତ ଘୃଣାଭାବର ଏହି କଟୁପରିଧି, ଯିଏ ଏ ଦୁନିଆକୁ ଅନ୍ଧାରି ସହର ବନାଇ ଦେଇଛି ତାହା ମୁସଲମାନମାନଙ୍କ ମଧ୍ୟରେ ଶାନ୍ତିକୁ ଶେଷ କରିଚାଲିବ । ଓ ବାକି ଦୁନିଆରେ ଶାନ୍ତିକୁ ପ୍ରାପ୍ତ କରିବା ଏକ ସ୍ୱପ୍ନ ହୋଇ ରହିଯିବ । ଯେମିତି କି ମୁଁ କହିସାରିଛି ଯେ, ଏହା ସମୟର ଆବଶ୍ୟକତା କି ଆମେ ସମସ୍ତେ ମିଳିମିଶି ଜଣେ ଅନ୍ୟଜଣକର ଧର୍ମୀୟ ମନୋଭାବର ଧ୍ୟାନ ରଖିବା ଓ ନିଜର ଆସନ୍ତା ପିଢ଼ି ପାଇଁ ସୁନ୍ଦର ଭବିଷ୍ୟତ ବନାଇବାରେ ନିଜର ଚେଷ୍ଟାକୁ ଜାରି ରଖିବା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆସନ୍ତୁ ଆମେ ସମସ୍ତେ ନିଜର ମନମାଳିନ୍ୟତାକୁ ଗୋଟିଏ ପଟେ ରଖିଦେଇ ସମାଜରେ ଗୋଟିଏ ସଚ୍ଚା ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବାପାଇଁ ଚେଷ୍ଟା କରିବା ଏବଂ ଏକତା ଓ ଆପୋଷ ପ୍ରେମଭାବରେ ପରିପୂର୍ଣ୍ଣ ସମାଜର ମୂଳଦୂଆ ରଖିବା । ଅଲ୍ଲାଃ ତାଲା ଆମକୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆପଣମାନଙ୍କୁ ବହୁତ ବହୁତ ଧନ୍ୟବାଦ ।

ହଜୁର ଅନଓ୍ୱର ଅ:ବ:ଅଙ୍କର ଏହି ଅଭିଭାଷଣ ୫:୩୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ (ନୀରବ ପ୍ରାର୍ଥନା) କରାଇଲେ ।

*କ୍ରମଶଃ......*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*


**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

## ''ଦାରୁସ୍ ସନାଅତ୍'' କାଦିଆନ୍‌ରେ Admission ନେବାକୁ ଚାହୁଁଥିବା ଛାତ୍ରମାନେ ଧ୍ୟାନ ଦିଅନ୍ତୁ ।

### Session 2020-2021

**ବୈଷୟିକ ଶିକ୍ଷା ଆହାରଣ ବ୍ୟତିତ କାଦିଆନ୍‌ରେ ନମାଜ, ଦରସ ଇତ୍ୟାଦି ଆଧ୍ୟାତ୍ମିକ ପରିବେଶରୁ ଲାଭ ଉଠାଇବା ପାଇଁ ଉତ୍ତମ ଅବସର**

ସୟଦନା ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ୧୯୩୪ ମସିହାରେ କାଦିଆନ୍‌ର ପବିତ୍ର ବସ୍ତିରେ ଯୁବକମାନଙ୍କୁ ବୈଷୟିକ ବିଦ୍ୟା ଶିକ୍ଷା ଦେବାପାଇଁ ତଥା ସେମାନଙ୍କୁ ଉତ୍ତମ ନାଗରୀକ ରୂପେ ଗଢ଼ି ତୋଳିବା ପାଇଁ ''ଦାରୁସ୍ ସନାଅତ୍'' ବିଭାଗର ମୂଳଦୁଆ ରଖିଥିଲେ । ତାହା ଦେଶ ବିଭାଜନ ହେବା ପରେ ପରିସ୍ଥିତି ଖରାପ ହେବା ଯୋଗୁଁ ବନ୍ଦ ହୋଇଗଲା । ଏବେ ଅଲ୍ଲାହ୍‌ଙ୍କ ଅଶେଷ କୃପାରୁ ପୁର୍ନବାର ''ଦାରୁସ୍ ସନାଅତ୍'' ୨୩ ମାର୍ଚ୍ଚ ୨୦୧୦ ମସିହାରେ ପ୍ରୀୟ ଆକା ହଜରତ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅ:ବ:ଅଙ୍କ ମଞ୍ଜୁରୀ କ୍ରମେ ଆରମ୍ଭ ହୋଇଛି, ଯାହା ବର୍ତମାନ ନିଜାରତ୍ ତାଲିମ୍ କାଦିଆନ୍‌ର ତତ୍ତ୍ୱାବଧାନରେ ପରିଚାଳିତ ହେଉଅଛି । ଏହି ବିଭାଗଟି National Small Industries Corporation Govt. of India Delhi (NSIC) ରୁ Affiliated ହୋଇଛି । ଏକ ବର୍ଷର କୋର୍ସ ସମ୍ପୂର୍ଣ୍ଣ ହେବାପରେ ବିଦ୍ୟାର୍ଥୀଙ୍କୁ ସରକାରୀ ପ୍ରମାଣପତ୍ର ଦିଆଯାଇଥାଏ । ଭାରତବର୍ଷରେ ରହୁଥିବା ଅହେମଦୀ ଯୁବକମାନଙ୍କୁ ଅନୁରୋଧ ଯେ ଏହି ଅନୁଷ୍ଠାନର ସମ୍ପୂର୍ଣ୍ଣ ଲାଭ ଉଠାନ୍ତୁ । ଦାରୁସ୍ ସନାଅତ୍ ରେ ଏବେ ନିମ୍ନଲିଖିତ Technical Courses କେବଳ ଏକ ବର୍ଷ ମଧ୍ୟରେ ଶିକ୍ଷାଦାନ କରାଯାଉଅଛି ।

| | | | |
|---|---|---|---|
| A.C/Fridge | Plumbing | Electrical | Welding |
| Computer | Carpenter | Diesel Mech. | Petrol Mech |

***ନାମଲେଖାର ସର୍ତାବଳୀ;***

(୧) ପ୍ରାର୍ଥୀ ଅତିକମ୍‌ରେ ଅଷ୍ଟମ ଶ୍ରେଣୀ ପାସ୍ କରିଥିବେ (୨) ପ୍ରବେଶିକା ଫର୍ମକୁ ସମ୍ପୂର୍ଣ୍ଣରୂପେ ପୂରଣ କରି ୩୦ ଜୁଲାଇ ୨୦୨୦ ଭିତରେ ପ୍ରିନ୍‌ସିପାଲ୍ ଦାରୁସ୍ ସନାଅତ୍‌ଙ୍କ ନିକଟକୁ ରେଜିଷ୍ଟ୍ରି ଡ଼ାକ ଦ୍ୱାରା ବା ଇମେଲ୍ ଜରିଆରେ ପଠାଇ ଦିଅନ୍ତୁ ବା ସାଙ୍ଗରେ ନେଇ ଆସନ୍ତୁ । (୩) କାଦିଆନ୍ ବାହାରୁ ଆସୁଥିବା ଅହେମଦୀ ବିଦ୍ୟାର୍ଥୀମାନେ ଅମୀର୍ ଯମାତ୍/ସଦର୍ ଯମାତ / ମୁବଲ୍ଲିଗ୍ ସିଲ୍‌ସିଲାଙ୍କ ଦ୍ୱାରା (Attested) ତସ୍‌ଦିକ୍ ଚିଠି ନିଶ୍ଚିତରୂପେ ଆଣିବେ । (୪) ହଷ୍ଟେଲ୍‌ରେ ୪୦ ଜଣ ବିଦ୍ୟାର୍ଥୀଙ୍କ ପାଇଁ ରହିବାର ବ୍ୟବସ୍ଥା ଅଛି । (୫) ସମସ୍ତ କୋର୍ସ ଏକ ବର୍ଷିଆ ଅଟେ ତେଣୁ ଯେଉଁ ଟେକ୍‌ନିକାଲ୍ କୋର୍ସରେ ନାମ ଲେଖାଇବାକୁ ଚାହିଁଛନ୍ତି, ତାହାର ଫିସ୍ ଏକକାଳୀନ ବା ଦୁଇଟି କିସ୍ତିରେ ପଇଠ କରିବା ଜରୁରୀ ହେବ (୬) ପ୍ରାର୍ଥୀଙ୍କୁ କାଦିଆନ୍ ଆସିବାପାଇଁ ଲିଖିତ ବା ଟେଲିଫୋନ୍ ଜରିଆରେ ଏତେଲା ଦେବାକୁ ହେବ । ଅନୁମତି ମିଳିବା କ୍ଷେତ୍ରରେ ୩୦ ଜୁଲାଇ ୨୦୨୦ ପର୍ଯ୍ୟନ୍ତ ନିଜ ଖର୍ଚ୍ଚରେ କାଦିଆନ୍ ପହଂଚିଯିବେ । (୭) ପ୍ରାର୍ଥୀ ନାମଲେଖା ଫର୍ମ ସହିତ ନିମ୍ନଲିଖିତ ଜରୁରୀ କାଗଜପତ୍ରକୁ ସଲଗ୍ନ କରିବେ । (Personal Medical File ଯେଉଁଥିରେ Blood Group ଓ ସେଥିରେ ବିଶେଷ ପ୍ରକାରର ଆଲର୍ଜି ବା ରୋଗ ବିଷୟରେ ସୂଚନା ଥିବ । ✲ ଯମାତି ପରିଚୟ ପତ୍ର ✲ School Certificate ଯେଉଁଥିରେ Date of Birth ଦରଜ ଥିବ ✲ ଆଧାର କାର୍ଡ଼, ଭୋଟର କାର୍ଡ଼ ✲ ତିନୋଟି ଫଟୋ)

ଅଧିକ ଜାଣିବା ପାଇଁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ । ନାମଲେଖା ଫର୍ମ ଇମେଲ୍ ଜରିଆରେ ମଗାଇ ପାରିବେ ।

**(Email: darulsanaat.qadian@gmail.com)**

(ପ୍ରିନ୍‌ସିପାଲ୍ ଦାରୁସ୍ ସନାଅତ୍, କାଦିଆନ୍)

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

*ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

## ସଦର ଅଞ୍ଜୁମନ ଅହମଦୀୟା କାଦିଆନ୍ ଅନ୍ତର୍ଗତ ନୂର ହସ୍‌ପିଟାଲ୍‌ର X-Ray ବିଭାଗ ଏବଂ ଦନ୍ତ ବିଭାଗରେ Lady Technician ର ଦୁଇଟି ପଦବୀ ପୂରଣ ହେବାର ଅଛି ।

ନିମ୍ନଲିଖିତ ସର୍ତାବଳୀ ମୁତାବକ ସେବା କରିବାକୁ ଇଚ୍ଛୁକ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି କି:

**ସର୍ତାବଳୀ: Lady Technician for X-Ray Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Radiology Technology କରିଥିବେ ଏବଂ Digital Technology and Competency in ECG Technology ରେ ଅତିକମ୍‌ରେ ତିନିବର୍ଷର ଅଭିଜ୍ଞତା ହାସଲ କରିଥିବେ । (୨) ପ୍ରାର୍ଥୀ Good Communication Skill ରେ ନିପୁଣ ହେବା ଜରୁରୀ ।

**ସର୍ତାବଳୀ: Post for Lady Technician for Dental Department (Noor Hospital Qadian)**

(୧) ପ୍ରାର୍ଥୀ ରେଜିଷ୍ଟର୍ଡ଼ ଏବଂ ମାନ୍ୟତାପ୍ରାପ୍ତ ବୋର୍ଡ଼ରୁ Diploma in Dentistry କରିଥିବେ ଓ ଏଥିରେ ଅତିକମ୍‌ରେ ତାଙ୍କର ତିନିବର୍ଷର ଅଭିଜ୍ଞତା ଥିବ । (୨) ପ୍ରାର୍ଥୀ Good Communication ରେ ନିପୁଣ ହେବା ଜରୁରୀ ।

**ଉପରୋକ୍ତ ପଦବୀ ପାଇଁ ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ବୟସ ୨୨-୩୭ ବର୍ଷ ମଧ୍ୟରେ ହୋଇଥିବା ଉଚିତ । (୨) ସେହି ପ୍ରାର୍ଥୀଙ୍କୁ Interview ପାଇଁ ଆମନ୍ତ୍ରଣ କରାଯିବ ଯିଏ ମର୍କଜି କମିଟି ଫର୍ ରିକ୍ରୁଟ୍‌ମେଂଟଙ୍କ ତରଫରୁ କରାଯାଇଥିବା ପରୀକ୍ଷାରେ ଉତୀର୍ଣ୍ଣ ହେବେ । (୩) ଲିଖିତ ପରୀକ୍ଷା ଏବଂ Interview ରେ ଉତୀର୍ଣ୍ଣ ହୋଇଥିବା ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିଆନ୍‌ଙ୍କ ଦ୍ୱାରା ଜାରି କରାଯାଇଥିବା Medical Fitness Certificate ମଧ୍ୟ ଉପସ୍ଥାପନ କରିବାକୁ ହେବ । (୪) Interview ରେ ଯୋଗଦେବା ପାଇଁ ଆସିଥିବା ପ୍ରାର୍ଥୀ କାଦିଆନ୍ ଯାତାୟାତ କରିବାର ଖର୍ଚ୍ଚ ଓ ଡ଼ାକ୍ତରି ଫିସ୍ ଇତ୍ୟାଦି ଖର୍ଚ୍ଚ ନିଜେ ବହନ କରିବେ । (୫) ଚୟନ ହେବା କ୍ଷେତ୍ରରେ କାଦିଆନ୍‌ରେ ରହିବାର ଦାୟିତ୍ୱ ପ୍ରାର୍ଥୀଙ୍କର ନିଜସ୍ୱ ହେବ (୬) ପ୍ରାର୍ଥୀଙ୍କ ପାଇଁ ନିଜାରତ୍ ଦିୱାନ୍‌ଙ୍କ ତରଫରୁ ଜାରି କରାଯାଇଥିବା ଫର୍ମ ସହିତ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, Experience Certificate, Birth Certificate, Aadhar Card, Voter ID Card ଏବଂ ଯମାତି ରେଜିଷ୍ଟ୍ରେସନ କାର୍ଡ଼ର Attested ନକଲ ଲଗାଇବା ଜରୁରୀ ଅଟେ । (୭) ସାପ୍ତାହିକ ଖବର କାଗଜ ବଦରରେ ଘୋଷଣା ହେବାର ଦୁଇମାସ ପରେ ପରୀକ୍ଷାର ତାରିଖ ବିଷୟରେ ସୂଚନା ଦିଆଯିବ (୮) ଇଚ୍ଛୁକ ପ୍ରାର୍ଥୀ ନିଜ ନିଜର ଦରଖାସ୍ତ ପ୍ରକାଶିତ ଫର୍ମରେ ନିଜ ଜିଲ୍ଲା ଅମୀର / ସ୍ଥାନୀୟ ଅମୀର / ସଦର / ସଦର୍ ଲଜ୍‌ନା / ମୁବଲ୍ଲିଗ୍ ଇନ୍‌ଚାର୍ଜଙ୍କ ତସ୍‌ଦିକ୍ ଦସ୍ତଖତକୁ ମୋହର ସହିତ ପ୍ରେରଣ କରିପାରିବେ (୯) ପ୍ରାର୍ଥୀ Interview ଦେବାକୁ ଆସିବା ବେଳେ ନିଜର ଅସଲ ସାର୍ଟିଫିକେଟ୍‌ଗୁଡ଼ିକୁ ସାଥିରେ ନିଶ୍ଚିତ ଆଣିବେ (୧୦) ପ୍ରାର୍ଥୀ ୱକ୍‌ଫେନୌ ହୋଇଥିବା କ୍ଷେତ୍ରରେ ସଦର୍ ଅଞ୍ଜୁମନ୍ ଅହମଦିୟାର ଯେ କୌଣସି ପଦବୀରେ ଆବେଦନ କରିବା ପୂର୍ବରୁ ସୟଦନା ହଜୁର ଅନୱରଙ୍କଠାରୁ ହାସଲ କରାଯାଇଥିବା ଅନୁମତି ପତ୍ରର ନକଲ ସାମିଲ କରିବା ଜରୁରୀ (୧୧) ଉପରୋକ୍ତ ପଦବୀ ପାଇଁ ବିବରଣୀ ଫର୍ମ ନଜାରତ୍ ଦିୱାନ୍‌ରୁ ହାସଲ କରିପାରିବେ । ଦରଖାସ୍ତ ଫର୍ମ ସମ୍ପୂର୍ଣ୍ଣରୂପେ ପୂରଣ କରାଯିବା ପରେ ନିୟମାନୁସାରେ କାରବାର ହେବ ।

## ସଦର ଅଞ୍ଜୁମନ ଅହମଦୀୟା, ଅଞ୍ଜୁମନ ତହରୀକ୍-ଏ-ଜଦିଦ୍, ଅଞ୍ଜୁମନ ୱକ୍‌ଫ୍-ଏ-ଜଦିଦ୍ କାଦିଆନ୍‌ର କାର୍ଯ୍ୟାଳୟଗୁଡ଼ିକରେ ମାଲି, କେୟାର ଟେକର, ଚୌକିଦାର, ବାବର୍ଚି, ନାନ୍‌ବାଇ ଏବଂ ଖାଦିମ୍ ମସ୍‌ଜିଦ୍ ନିମନ୍ତେ ଚତୁର୍ଥ ଶ୍ରେଣୀ କର୍ମଚାରୀର ପ୍ରାର୍ଥୀ ଆବଶ୍ୟକ

ଯେଉଁ ପ୍ରାର୍ଥୀମାନେ ଖିଦ୍‌ମତ୍ (ସେବା) କରିବାକୁ ଇଚ୍ଛୁକ ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ କରିପାରିବେ । ପ୍ରାର୍ଥୀମାନଙ୍କୁ ଉପରୋକ୍ତ ଯେ କୌଣସି Catagory ରେ କାଦିଆନ୍ ବା କାଦିଆନ୍ ବାହାରେ କେଉଁଠି ମଧ୍ୟ ମୁତୟନ କରାଯାଇପାରେ ।

**ସର୍ତାବଳୀ**

(୧) ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର କୌଣସି ସର୍ତନାହିଁ (୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହେବା ଜରୁରୀ (୩) ଜନ୍ମ ପ୍ରମାଣପତ୍ର ଦେବା ଜରୁରୀ (୪) ସେହି ପ୍ରାର୍ଥୀମାନେ ସେବା କରିବାକୁ ସୁଯୋଗ ପାଇବେ ଯେଉଁମାନେ ମର୍କଜି କମିଟିଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା କର୍ମଚାରୀ ନିଯୁକ୍ତି Interviewରେ ଉତୀର୍ଣ୍ଣ ହେବେ । (୫) ସେହି ପ୍ରାର୍ଥୀମାନଙ୍କୁ ସେବା କରିବାର ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସ୍ୱାସ୍ଥ୍ୟବାନ ହୋଇଥିବେ (୬) ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୭) ଯଦି କୌଣସି ପ୍ରାର୍ଥୀଙ୍କର ଚୟନ ହୁଏ ଏହି ପରିପ୍ରେକ୍ଷିରେ ତାଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ (୮) ଇଚ୍ଛୁକ ପ୍ରାର୍ଥୀ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହମଦିୟା କାଦିଆନ୍‌ଙ୍କ ନିକଟରୁ ହାସଲ କରିପାରିବେ ।

ଏହି ଘୋଷଣାର ଦୁଇମାସ ଭିତରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ ତା'ଉପରେ ଧ୍ୟାନ ଦିଆଯିବ ।

(ନାଜର ଦିୱାନ୍ କାଦିଆନ୍)

**ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:**

ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ୍ ଅହମଦୀୟା କାଦିଆନ୍

**E-mail: diwan@qadian.in**

**Ph: 01872-501130, (M) 9646351280, 9877138347**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 30 July 2020 Issue No. 31

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୨୮ ସେପ୍ଟେମ୍ବର ୨୦୧୯ (ଶନିବାର) ରିପୋର୍ଟର ବଳକାଅଂଶ

### ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ

ତଶ୍‌ହୁଦ୍, ତଉଜ୍ ଏବଂ ସୁରାଃ ଫାତିହା ଆବୃତି ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏଠାରେ ଉପସ୍ଥିତ ସମସ୍ତ ସମ୍ମାନୀୟ ଅତିଥିଗଣ ! ଆପଣମାନଙ୍କ ଉପରେ ଅଲ୍ଲାଃ ତାଲାଙ୍କର କରୁଣା ଓ ଶାନ୍ତି ଅବତୀର୍ଣ୍ଣ ହେଉ । ସର୍ବପ୍ରଥମେ ମୁଁ ଏଠାରେ ଉପସ୍ଥିତ ସମସ୍ତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ସେମାନେ ଆଜି ଆମର ନିମନ୍ତ୍ରଣକୁ ସାଦରେ ଗ୍ରହଣ କରି ଏଠାରେ ଉପସ୍ଥିତ ଅଛନ୍ତି । ଯେବେ କି, ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତାଙ୍କ ବିରୋଧରେ କେତେ ବର୍ଷ ହେବବହୁତ କିଛି କୁହାଯାଉଅଛି । ବାସ୍ତବରେ ଇସ୍‌ଲାମ୍ ସମ୍ବନ୍ଧରେ ଥିବା ଭୁଲ ଜ୍ଞାନ, ଘୃଣାଭାବକୁ ପ୍ରଚାର ପ୍ରସାର କରିବା ଏବଂ ରସୁଲେ କରିମ୍ ସ:ଆ:ସଙ୍କ ଜୀବନୀ ଉପରେ ଦାଗ ଲଗାଇବା ପାଇଁ ଚେଷ୍ଟା କରାଯାଉଅଛି । ଗୋଟିଏ ମୁସ୍‌ଲମାନ କମ୍ୟୁନିଟି ତରଫରୁ ଅନୁଷ୍ଠିତ ହୋଇଥିବା ଧାର୍ମିକ ଉତ୍ସବରେ ଆପଣମାନଙ୍କର ଯୋଗଦାନ ଆପଣମାନଙ୍କର ପ୍ରଶସ୍ତ ହୃଦୟ, ବ୍ରଡ୍‌ମାଇଣ୍ଡକୁ ପରିପ୍ରକାଶ କରୁଅଛି । ଏଥିଯୋଗୁଁ ମୁଁ ଆପଣଙ୍କର ପ୍ରଶଂସା ହିଁ କରିପାରିବି ଓ ଆପଣମାନଙ୍କୁ ଧନ୍ୟବାଦ ହିଁ କହିପାରିବି । ମୁଁ ଏ ପ୍ରାର୍ଥନା କରୁଛି ଯେ, ଏହିଭଳି ଆପଣଙ୍କର ଖୋଲା ହୃଦୟ ଏବଂ ସହୀଷ୍ଣୁତା ସର୍ବଦା ଆପଣମାନଙ୍କ ନିକଟରେ ହିଁ ମହଜୁଦ ରହୁ । ଯଦ୍ୱାରା ସମଗ୍ର କମ୍ୟୁନିଟିର ଲୋକମାନେ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଆପୋଷ ମୈତ୍ରୀଭାବ ସହିତ ଜୀବନଯାପନ କରିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆମେ ଅହେମଦୀ ମୁସଲମାନମାନଙ୍କର ଏହି ଦୃଢ଼ ବିଶ୍ୱାସ ଯେ, ଧର୍ମ ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ମାମଲା । ଏହା ତ' ହୃଦୟ ଭିତରର କଥା ତେଣୁ କୌଣସି ବ୍ୟକ୍ତିକୁ ଅନ୍ୟକାହାର ଆସ୍ଥା ଓ ବିଶ୍ୱାସ ସମ୍ବନ୍ଧରେ ଭୁଲ୍ କଥା କହିବାର ହକ୍ ନାହିଁ । କାହାରିକୁ ଅନ୍ୟକାହାର ପବିତ୍ର ଧର୍ମଗୁରୁମାନଙ୍କ ଉପହାସ କରିବା ଠିକ୍ ନୁହେଁ କାରଣ ଲୋକମାନଙ୍କ ସହିତ ଭେଦ ଭାବ କରିବା ଓ ଘୃଣା କରିବା ଦ୍ୱାରା କେବଳ ଦୁଃଖ ଓ ପୀଡ଼ା ହିଁ ସୃଷ୍ଟି ହୋଇଥାଏ ଏବଂ ଆହୁରି ଅଧିକା ଭେଦଭାବ ସୃଷ୍ଟି ହୋଇଥାଏ । ଏହାର ବିପରୀତ ସହିଷ୍ଣୁତା, ଆପୋଷରେ ଜଣେ ଅନ୍ୟ ଜଣକୁ ସମ୍ମାନ କରିବା ଓ ଭଲ ପାଇବାକୁ ମୁଳଦୂଆ କରି ଆମେ ଶାନ୍ତି ଓ ସୌହାର୍ଦ୍ଦ୍ୟ ଉପରେ ପରିବେଷ୍ଟିତ ସମାଜକୁ ନିର୍ମାଣ କରିପାରିବା । ଯେମିତି କି ମୁଁ କହିସାରିଛି ଯେ, ଅଣମୁସଲିମ୍ ସମ୍ପ୍ରଦାୟ ମଧ୍ୟରେ ବହୁଦିନଠାରୁ ରସୁଲେ କରିମ୍ ସ:ଆ:ସଙ୍କୁ ଅସମ୍ମାନ କରାଯାଉଅଛି ଏବଂ ଏଠି ହଲାଣ୍ଡରେ ମଧ୍ୟ କେତେକ ଲୋକେ ଇସ୍‌ଲାମ୍ ବିରୋଧରେ ଘୃଣାଭାବକୁ ପ୍ରଚାର ପ୍ରସାର କରିବାରେ ଅହରହ ଲାଗି ରହିଛନ୍ତି । ଏହି ଲୋକମାନେ ପବିତ୍ର କୁର୍‌ଆନ୍ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ଉପରେ ଅପ୍ରାସଙ୍ଗିକ ଓ ସମ୍ପୁର୍ଣ୍ଣରୂପେ ମିଥ୍ୟାରୋପ ଲଗାଉଛନ୍ତି । ତେଣୁ ଏ ସନ୍ଦର୍ଭରେ ଯାହା କିଛି ସମୟକୁ ଆଖି ଆଗରେ ରଖି ସଂକ୍ଷିପ୍ତରେ ଇସ୍‌ଲାମ୍‌ର ଅସଲ ଶିକ୍ଷା ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଭୂମିକା ସମ୍ବନ୍ଧରେ ଚର୍ଚ୍ଚା କରିବି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆଗକୁ ବଢ଼ିବା ପୂର୍ବରୁ ମୁଁ ସାଧାରଣତଃ ଏକଥା କହିବାକୁ ଚାହିଁବି ଯେ, ପ୍ରକୃତରେ ଶାନ୍ତି କଣ ଓ ଏହା କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମଣିଷ ଶାନ୍ତିକୁ ପାଇବା ପାଇଁ କେତେ ଚେଷ୍ଟା କରିଥାଏ କିନ୍ତୁ ବ୍ୟାପକରୂପେ ଏହି ଶାନ୍ତିକୁ ପାଇବାପାଇଁ ବିଭିନ୍ନ ଜାତି ଓ ସମ୍ପ୍ରଦାୟଗୁଡ଼ିକ ଚେଷ୍ଟା ଚଳାଇଛନ୍ତି ଓ ସେମାନଙ୍କ ମଧ୍ୟରେ ଶାନ୍ତି ରହିଛି ବୋଲି ଦାବି ମଧ୍ୟ କରୁଛନ୍ତି । ସେ ଯାହା ହେଉ ନା କାହିଁକି ଶାନ୍ତି କଣ ଏବଂ ଆମକୁ ଏହାର କଣ ଆବଶ୍ୟକ ରହିଛି ? ମୋ ମତରେ ଶାନ୍ତି ହେଉଛି ଦୁଇ ପ୍ରକାରର ଗୋଟିଏ ବ୍ୟାହ୍ୟ ଶାନ୍ତି ଓ ଆଉ ଗୋଟିଏ ହେଉଛି ଆଭ୍ୟନ୍ତରିଣ ଶାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଅଧିକାଂଶ ଲୋକେ ବାହାରୁ ତ ବହୁତ ଖୁସି ଓ ଶାନ୍ତିରେ ଥିବାର ପ୍ରଦର୍ଶନ କରିପାରନ୍ତି କିନ୍ତୁ ଅବଶ୍ୟ ବାହ୍ୟ ସ୍ତରରେ ସେମାନଙ୍କଠାରେ ଶାନ୍ତି ଦୃଷ୍ଟିଗୋଚର ହୋଇଥାଏ କିନ୍ତୁ ଆଭ୍ୟନ୍ତରିଣ ସ୍ତରରେ ସେମାନଙ୍କ ମଧ୍ୟରେ ଶାନ୍ତି ନଥାଏ । ଉଦାହରଣ ସ୍ୱରୁପ ଶକ୍ତିଶାଳୀ ଓ ପ୍ରଭାବଶାଳୀ ଲୋକମାନେ ଅଧିକାଂଶ ସମୟ ଶାନ୍ତି ସ୍ଥାପନ କରିବାର କଥା କହିଥାନ୍ତି । ଯେବେକି ସେମାନଙ୍କ ନିକଟରେ ଦୁନିଆର ସମସ୍ତ ସୁଖ ସୁବିଧା ଉପଲବ୍ଧ ହୋଇଥାଏ କିନ୍ତୁ ଏହା ସତ୍ୱେ ମଧ୍ୟ ସେହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଏହିକଥାକୁ ସ୍ୱୀକାର କରିଥାନ୍ତି ଯେ, ସେମାନେ ଧର୍ମୀୟ ଶାନ୍ତିକୁ ଅନେଷ୍ୱଣ କରୁଛନ୍ତି ଓ ସେମାନେ ସବୁବେଳେ ଏକପ୍ରକାରର ଟେନ୍‌ସନ୍‌ରେ ରହୁଛନ୍ତି । ବ୍ୟବହାରିକ ଓ ସାଂସାରିକ ଦୃଷ୍ଟିକୋଣରୁ ସେମାନଙ୍କ ନିକଟରେ ତାଙ୍କ ମନ ମୁତାବକ ଜିନିଷମାନ ମହ୍‌ଯୁଦ୍ ଅଛି କିନ୍ତୁ ଏହା ସତ୍ୱେ ମଧ୍ୟ ସେମାନେ ବ୍ୟତିବ୍ୟସ୍ତ ଓ ଭୟ ମଧ୍ୟରେ ଚାପି ହୋଇ ରହିଛନ୍ତି ଓ ସେମାନଙ୍କର ମନଭିତରେ ଶାନ୍ତି ନାହିଁ । ଅତଏବ ପ୍ରକୃତ କଥା ହେଉଛି ଏହା ଯେ, ଯେ ପର୍ଯ୍ୟନ୍ତ ଜଣେ ତା' ମନଭିତରେ ଶାନ୍ତିକୁ ହାସଲ କରିନାହିଁ ସେ ପର୍ଯ୍ୟନ୍ତ ତା' ନିକଟରେ ଥିବା ସାଂସାରିକ ସୁବିଧା ସୁଯୋଗ ନିରର୍ଥକ ହୋଇଥାଏ । ସରଳ ଭାଷାରେ ଏକଥା କୁହାଯାଇପାରେ ଯେ, ଯେଉଁ ଗୋଟିଏ ବସ୍ତୁକୁ କିଣା ନଯାଇପାରେ ତାହା ହେଉଛି ଆଭ୍ୟନ୍ତରିଣ ଶାନ୍ତି । ଉଦାହରଣ ସ୍ୱରୁପ ଜଣେ ଧନୀ ମାଆ ଯାହା ନିକଟରେ ତା'ର ଆବଶ୍ୟକତାଠାରୁ ଅଧିକା ଧନସମ୍ପତି ଥିବ କିନ୍ତୁ ତା ପିଲାଟି ଯଦି କେଉଁଠି ହଜିଯାଏ ଏପରି ସ୍ଥଳେ ସାଂସାରିକ ସମସ୍ତ ସୁଖ ଓ ସ୍ୱାଚ୍ଛନ୍ଦ୍ୟ ଏବଂ ଭୋଗବିଳାଶ ଥିବା ସତ୍ୱେ ମଧ୍ୟ ସେ ନିରାଶ ଓ ପାଗଳ ପ୍ରାୟ ହୋଇଯାଇଥାଏ । ଯେ ପର୍ଯ୍ୟନ୍ତ ତା ପିଲାଟି ତାକୁ ନ ମିଳିଯାଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ବଡ଼ ଦୁଃଖର ସହିତ କହିବାକୁ ପଡୁଛି ଯେ, ବିକଶିତ ରାଷ୍ଟ୍ର ଏବଂ ବିକାଶଶୀଳ ରାଷ୍ଟ୍ରରେ ଏହିଭଳି ସମସ୍ୟା ଅନବତର ବଢ଼ିଚାଲିଛି । ଧନୀ ରାଷ୍ଟ୍ରଗୁଡ଼ିକରେ ବହୁତ ଲୋକେ ବିତଶାଳୀ ହେବା ସତ୍ୱେ ମଧ୍ୟ ଆତ୍ମହତ୍ୟା କରୁଛନ୍ତି, ସେହିଭଳି ଡ଼ିପ୍ରେସନ୍‌ର ଶିକାର ହେଉଛନ୍ତି । ଏଥିରେ ମଧ୍ୟ କୌଣସି ଆଶ୍ଚର୍ଯ୍ୟର କଥା ନୁହେଁ ଯେ, ସମାଜର ଦୁର୍ବଳଶ୍ରେଣୀର ଲୋକମାନେ ଯେଉଁମାନେ ନିଜର ମୂଳ ଆବଶ୍ୟକ ଜିନିଷକୁ ପୂରଣ କରିପାରୁନାହାନ୍ତି ଏବଂ ସୁଖ ଏବଂ ସ୍ୱାଚ୍ଛନ୍ଦ୍ୟ ହାସଲ କରିବାପାଇଁ ପ୍ରବଳ ଇଚ୍ଛା ରଖିଛନ୍ତି, ସେମାନଙ୍କ ନିକଟରେ ମଧ୍ୟ ଶାନ୍ତି ଓ ସନ୍ତୋଷଭାବ ବହୁତ କମ ମିଳୁଛି । ଅତଏବ ନିରାଶା ଏବଂ ଆଭ୍ୟନ୍ତରିଣ ବ୍ୟତିବ୍ୟସ୍ତତା ଧନୀ ଓ ଗରିବ ଦୁଇ ଶ୍ରେଣୀର ଲୋକମାନଙ୍କ ଭିତରେ ଅନୁଭବ କରାଯାଉଅଛି । ଗୋଟିଏ ପଟେ ଧନୀ ଲୋକେ ଅଛନ୍ତି ଯାହାଙ୍କ ନିକଟରେ ସବୁପ୍ରକାରର ସୁବିଧା ଉପଲବ୍ଧ ସେମାନେ ମଧ୍ୟ ଆତ୍ମ୍‌ସନ୍ତୋଷତା ପାଇପାରୁନାହାନ୍ତି ଓ ଅନ୍ୟପଟେ ଅଭାବି ଓ ଗରୀବ ଲୋକମାନେ ନିଜର ଏପରି ଅବସ୍ଥା ଯୋଗୁଁ ହଇରାଣ ହର୍‌କତ୍ ହେଉଛନ୍ତି ଓ ଧନୀ ଲୋକଙ୍କ ପରି ଭୋଗବିଳାଶ ପୁର୍ଣ୍ଣ ଜୀବନକୁ ହାସଲ କରିବାପାଇଁ ପ୍ରବଳ ଇଚ୍ଛା ରଖିଛନ୍ତି । ଲୋକମାନଙ୍କ ମଧ୍ୟରେ ଉଦ୍ଦେଶ୍ୟ ଓ ଅଭିଳାଷ ନିଶ୍ଚିତରୂପେ ଭିନ୍ନ ଭିନ୍ନ ଥାଇପାରେ ଏବଂ ନିଶ୍ଚିତରୂପେ ସାଂସାରିକ ଦୃଷ୍ଟିକୋଣରୁ ଜଣେ ଅନ୍ୟ ଜଣଙ୍କଠାରୁ ଭିନ୍ନ ହୋଇପାରେ କିନ୍ତୁ ଆତ୍ମ୍‌ସନ୍ତୋଷ ଲାଭ କରିବାରେ ଅସଫଳ ହେବା ଦୃଷ୍ଟିକୋଣରୁ ସମସ୍ତେ ହେଉଛନ୍ତି ଏକାପରି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଆଜିକାଲି କିଛି ଲୋକେ ପୃଥିବୀରେ ଉପୁଜିଥିବା ସମସ୍ୟାଗୁଡ଼ିକ ଧର୍ମମାନଙ୍କୁ ଏବଂ ବିଶେଷରୂପେ ଇସ୍‌ଲାମ୍ ଧର୍ମକୁ ଦାୟୀ କରିବାରେ ଲାଗିପଡ଼ିଛନ୍ତି ଯେବେ କି, ବହୁତ ଲୋକେ ଏପରି ଅଛନ୍ତି ଯେଉଁମାନଙ୍କ ଆଭ୍ୟନ୍ତରିଣ ବ୍ୟତିବ୍ୟସ୍ତତା ଏପରି ରହିଛି ଫଳତଃ ସେମାନେ ସମ୍ପୁର୍ଣ୍ଣରୂପେ ଧର୍ମଠାରୁ ଦୁରେଇ ଯାଇ ଜୀବନ ଅତିବାହିତ କରୁଛନ୍ତି । ଅତଏବ ସେମାନଙ୍କର ଅସୁବିଧା ଓ ସମସ୍ୟା ଯୋଗୁଁ ଇସ୍‌ଲାମ ବା ଅନ୍ୟ କୌଣସି ଧର୍ମକୁ ଦାୟୀ ନ କରାଯାଇପାରେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଗୋଟିଏ ଧର୍ମର ମାର୍ଗଦର୍ଶକ ହୋଇଥିବା ଅନୁସାରେ ମୋର ଏ ଦୃଢ଼ ବିଶ୍ୱାସ ରହିଛି ଯେ, ଧର୍ମ ବର୍ତମାନ ଯୁଗର ସମସ୍ୟାଗୁଡ଼ିକର କାରଣ ନୁହେଁ ବରଂ ଧର୍ମ ଏହି ସମସ୍ୟାଗୁଡ଼ିକର ସମାଧାନ ଅଟେ । ଇସ୍‌ଲାମୀୟ ଦୃଷ୍ଟିକୋଣରୁ ଏହାର ସମାଧାନର ବାଟ ବହୁତ ସରଳ । ରସୁଲେ କରିମ୍ ସ:ଆ:ସ ଆମକୁ ଏ ଶିକ୍ଷା ଦେଇଛନ୍ତି ଯେ, ପ୍ରକୃତ ଶାନ୍ତି ମନୁଷ୍ୟକୁ ଅଲ୍ଲାଃ ତାଲାଙ୍କ ନିକଟରେ ପହଂଚାଇଥାଏ ଏବଂ ତାହା ସହିତ ଏକ ସୁସମ୍ପର୍କ ସ୍ଥାପନ କରିଥାଏ କାରଣ ଇସ୍‌ଲାମ୍ ଅନୁସାରେ ଅଲ୍ଲାଃ ତାଲାଙ୍କ ବିଶେଷଗୁଣମାନଙ୍କ ମଧ୍ୟରୁ ଗୋଟିଏ ବିଶେଷଗୁଣ ହେଉଛି ଏହା କି, ସେ ହେଉଛି ଶାନ୍ତିର ଉତ୍ସ । ସେ ନିଜର ସମସ୍ତ ପ୍ରାଣୀଜଗତ ପାଇଁ ଏହା ଚାହିଁଥାଏ ଯେ, ସେମାନେ ଧର୍ମ ଓ ଆସ୍ଥାଠାରୁ ଉର୍ଦ୍ଧରେ ରହି ଶାନ୍ତିପୂର୍ଣ୍ଣ ଜୀବନଯାପନ କରନ୍ତୁ । ପୁଣି ରସୁଲେ କରିମ୍ ସ:ଆ:ସ ଏହି ଶିକ୍ଷା ଦେଇଛନ୍ତି ଯେ, ଅଲ୍ଲାଃ ତାଲା ହେଉଛନ୍ତି ସମଗ୍ର ପ୍ରାଣୀଜଗତର ପାଳନହାର ଓ ସମସ୍ତଙ୍କୁ ଆହାର ଯୋଗାଇଥାନ୍ତି । ସେ କେବଳ ମୁସଲମାନମାନଙ୍କୁ ହିଁ ପାଳିନଥାନ୍ତି ବରଂ ତାହାର କରୁଣା ସମଗ୍ର ମାନବଜାତି ଉପରେ ଆଚ୍ଛାଦିତ ସେ ଇସାଇ ହୁଅନ୍ତୁ, ହିନ୍ଦୁ ହୁଅନ୍ତୁ, ଶିଖ୍ ହୁଅନ୍ତୁ, ଇହୁଦୀ ହୁଅନ୍ତୁ ବା ଅନ୍ୟ କୌଣସି ଧର୍ମକୁ ମାନୁଥାନ୍ତୁ ଏବଂ ସେହିପରି ଯେଉଁମାନେ ନାସ୍ତିକ ଓ କୌଣସି ଧର୍ମକୁ

*ଅବଶିଷ୍ଟାଂଶ ପୃଷ୍ଠା- ୦୮ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan